## ଶାନ୍ତି ମିଶ୍ର ହତ୍ୟା ମାମଲାର ସାକ୍ଷୀଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୧୬ ।୩(ସମିସ):** ଦୁର୍ଦ୍ଦାନ୍ତ ଅପରାଧି ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଘଟଣାର ଜଣେ ସାକ୍ଷୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ କୌତିକନଗର ତୃତୀୟ ଲାଇନ ନିବାସୀ ସୋନୁ ପାଢ଼ୀ(୩୨) ବୋଲି ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ସୋନୁଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୧୩ ମସିହା ଜାନଆରୀ ୨୯ତାରିଖରେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରେ ଦୁର୍ବୃତ୍ତମାନେ ଶାନ୍ତିପ୍ରସାଦ ମିଶ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ ବୋମାମାଡ କରି ଓ ପରେ ଖଣ୍ଡାରେ ହାଣି ହତ୍ୟାକରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଏକାଧିକ ସାକ୍ଷୀଙ୍କ ମଧ୍ୟରୁ ଅନିଲ କୁମାର ନାୟକ ଅନ୍ୟତମ ସାକ୍ଷୀ ଅଟନ୍ତି। ଗତ ୧୪ତାରିଖରେ ଅନିଲ କୁମାର ନାୟକଙ୍କୁ ଏକ ମୋବାଇଲ ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ଯୁବକ ଜଣକ ସୋନୁ ପାଢ଼ୀ ବୋଲି ନିଜର ପରିଚୟ ଦେଇ ଅନିଲଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା ବୋଲି ଅନିଲଙ୍କ ପତ୍ନୀ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାର ତଦନ୍ତ କରି ଏସଆଇ ରଞ୍ଜିତ କୁମାର ରାଉଳ ଅଭିଯୁକ୍ତ ସୋନୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେହିପରି ଗତ ୧୫ତାରିଖରେ ସୋନୁ ନିଜ ବୃଦ୍ଧା ଆଇ ଉର୍ମିଳା ସାହୁ(୮୦)ଙ୍କୁ ମାରପିଟ କରିବା ସହ ଟଙ୍କା ମାଗିଥିଲା। ଟଙ୍କା ଦେବାକୁ ଆଇ ମନା କରିବା ଫଳରେ ସୋନୁ ଉତକ୍ଷିପ୍ତ ହୋଇ ନିଜ ଆଇକୁ ମାରପିଟ କରିଥିଲା। ଆକ୍ରମଣରେ ଉର୍ମିଳା ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ଉର୍ମିଳା ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉର୍ମିଳାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଆଉ ଏକ ମାମଲା ରୁଜୁ କରିଥିଲା।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କ୍ୟାନ୍ସର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ବ୍ରହ୍ମପୁର, ୧୬ ।୩(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କ୍ୟାନ୍ସର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ମହିଳା ଅଧ୍ୟୟନ ଗବେଷଣା କେନ୍ଦ୍ର ସହ ମିଳିତ ଭାବରେ ସାନ୍ ଏବଂ ନିଲ୍ ଫାଉଣ୍ଡେସନ ଏବଂ ଏଚ.ଜି. ସି ପଣ୍ଡା କ୍ୟାନ୍ସର ହସ୍ପିଟାଲ୍, କଟକ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିଲା।



'କର୍କଟ ସମ୍ବନ୍ଧୀୟ ତଥ୍ୟ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଯୋଗ ଦେଇଥିବା ବେଳେ, ମୁଖବକ୍ତା ଭାବେ ଏଚ.ଜି.ସି ପଣ୍ଡା କ୍ୟାନ୍ସର ହସ୍ପିଟାଲ କେନ୍ଦ୍ରର ଡାକ୍ତର ଶ୍ରୀଗୋପାଳ ମହାନ୍ତି ଯୋଗ ଦେଇଥିଲେ। ରଶ୍ମିରେଖା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଡାକ୍ତର ଶ୍ରୀ ମହାନ୍ତି କର୍କଟ ସଚେତନତା ବିଷୟରେ ସମ୍ବୋଧିତ କରିଥିଲେ। ମହିଳା ଅଧ୍ୟୟନ ବିଭାଗ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ଡ଼ ବନ୍ଦିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ବାଗ୍ମୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀ ଘୋଷଣା

## ବ୍ରହ୍ମପୁରରୁ ସୋମନାଥ ଓ ଆସିକାରୁ ପପୁନ ଲଢ଼ିବେ ନିର୍ବାଚନ

**ବ୍ରହ୍ମପୁର, ୧୬ ।୩(ସମିସ):** ଦେଶରେ ନିର୍ବାଚନ ବିଗୁଲ ବାଜି ସାରିଛି। ରଣାଙ୍ଗନ ବି ପ୍ରସ୍ତୁତ ହୋଇଛି। ଏଣେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା ମଧ୍ୟ କରୁଛନ୍ତି। ଏହିକ୍ରମରେ ଏସୟୁସିଆଇ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସ୍ଥାନୀୟ ଗଞ୍ଜାମ କଳା ପରିଷଦ ପରିସରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଦଳ ପକ୍ଷରୁ ଗଞ୍ଜାମ ଜିଲ୍ଲାର ଦୁଇଟି ଲୋକସଭା ଓ ବିଭିନ୍ନ ବିଧାନସଭା ଲାଗି ପ୍ରାର୍ଥୀ ଘୋଷଣା କରାଯାଇଛି। ଆଗାମୀ ନିର୍ବାଚନରେ ଏସ୍.ୟୁ.ସି.ଆଇ(ସି) ପାର୍ଟି କେନ୍ଦ୍ରୀୟ କମିଟି ଅନୁମୋଦନ କ୍ରମେ ଦେଶର ୨୨ଟି ରାଜ୍ୟରେ ୧୫୧ଟି ଲୋକସଭା ଆସନରେ ପ୍ରତିଦ୍ୱନ୍ଦିତା କରିବ। ସେହିଭଳି ରାଜ୍ୟରେ ୧୬ଟି ଲୋକସଭା ଓ ୨୮ଟି ବିଧାନସଭା




ଆସନରେ ପ୍ରତିଦ୍ୱନ୍ଦ୍ୱୀତା କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଦେଶ ଓ ରାଜ୍ୟର ବିଭିନ୍ନ ସମସ୍ୟାକୁ ଆୟୁଦ୍ଧ କରି ଏଥର ଦଳ ନିର୍ବାଚନ ଲଢିବ ବୋଲି ଏଠାରେ କୁହାଯାଇଛି। ସାଧାରଣ ମଣିଷର ସ୍ୱାର୍ଥ ରକ୍ଷାର ଲଢ଼େଇକୁ ଶକ୍ତିଶାଳୀ କରିବା ପାଇଁ ସଂସଦ ଓ ବିଧାନସଭା ଗୃହରେ ସାଧାରଣ ମଣିଷର ସ୍ୱାର୍ଥକୁ ପ୍ରତିଧ୍ୱନିତ କରିବା ପାଇଁ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଲୋକସଭା ଆସନ ପାଇଁ ସୋମନାଥ ବେହେରା, ଆସିକା ଲୋକସଭା ଆସନରୁ ପପୁନ ସାହୁ, ବ୍ରହ୍ମପୁର ବିଧାନସଭା ଆସନରୁ ନିମାଇଁ ଚରଣ ସାହୁ, ଗୋପାଳପୁର ବିଧାନସଭା ଆସନରୁ ଶୁଭସ୍ମିତା ପାଣିଗ୍ରାହୀ ଏବଂ ହିଞ୍ଜିଳି ବିଧାନସଭା ଆସନରୁ ନାରାୟଣ ସାହୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତା କରିବେ ବୋଲି ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ଦାସ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି।

### ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ଚୂଡ଼ାନ୍ତ ତାଲିକା ପ୍ରକାଶ, ମୈଦାନରେ ୨୫ ପ୍ରାର୍ଥୀ

**ବ୍ରହ୍ମପୁର, ୧୬ ।୩(ସମିସ)**

ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ଶନିବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଚଳିତ ବର୍ଷ ନିର୍ବାଚନର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ମୈଦାନରେ ମୋଟ ୨୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତା ୩୦ତାରିଖରେ ଭୋଟଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ଅନିଲ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ଗତ ୧୧ ଓ ୧୨ତାରିଖ ଦୁଇଦିନ ଧରି ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଯାଞ୍ଚ ସମୟରେ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ପ୍ରାର୍ଥୀ ହୋଇଥିବା ଆଇନଜୀବୀ ଜସକେତନ ପାଢ଼ୀଙ୍କ ପ୍ରାର୍ଥୀତ୍ୱ ନକଚ ହୋଇଯାଇଥିଲା। ଫଳରେ ବିଭିନ୍ନ ପଦବୀ ପାଇଁ ମୋଟ ୨୬ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ କାଏମ ରହିଥିଲା। ଶନିବାର ସୁଧାଂଶୁ କୁମାର ସେଠୀ କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ଦାଖଲ କରିଥିବା ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥଇଲେ। ଫଳରେ ଚଳିତ ନିର୍ବାଚନରେ

**ଜଣଙ୍କ ପ୍ରାର୍ଥିପତ୍ର ନାକଚ, ଜଣେ ଓହରିଲେ**

ବିଭିନ୍ନ ପଦ ପଦବୀ ପାଇଁ ମୈଦାନରେ ମୋଟ ୨୫ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ କାଏମ ରହିଥିବା ଜଣାପଡ଼ିଛି। ସଭାପତି ପଦବୀ ପାଇଁ ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପଣ୍ଡା, ନୟନ ଚନ୍ଦ୍ର ମହାପାତ୍ର ଓ ଜଗତ ମୋହନ ପଟ୍ଟନାୟକ ଆଦି ୪ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉପସଭାପତି ପଦବୀ ପାଇଁ ରାମ ପ୍ରସାଦ ପଣ୍ଡା ଓ ଅନିଲ କୁମାର ପଣ୍ଡାଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିଭଳି ସମ୍ପାଦକ ପଦବୀ ପାଇଁ ବିରଞ୍ଚି ନାରାୟଣ ମହାପାତ୍ର, ଟି.ଭେଙ୍କେଟ ପାତ୍ର, ଟିଟୁ କୁମାର ପାତ୍ର, ସୁଧୀର କୁମାର ମିଶ୍ର, ବୈଜୟନ୍ତି ମାଳା ପାଢ଼ୀ ଓ ଜ୍ୟୋତି ପ୍ରସାଦ ଛୋଟରାୟ ଏହିଭଳି ମୋଟ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସଂଘର ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଅସିତ କୁମାର ସାବତ ଓ ଗିରିଜା ଶଙ୍କର ବେହେରାଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ପଦବୀ ପାଇଁ ସିଧାସଳଖ ଭୋଟଗ୍ରହଣ କରାଯାଉଥିବା ବେଳେ ଏହି ପଦବୀ ପାଇଁ ପ୍ରଭାକର ପାତ୍ର, ଅନିରୁଦ୍ଧ କୁମାର ପାତ୍ର, ୟୁ ରାମା ରାଓ, ସତ୍ୟବ୍ରତ ସାହୁ, ମନୋଜ କୁମାର ନାୟକ, ନିରଞ୍ଜନ ବେହେରା, ପ୍ରଭାତ କୁମାର ନାୟକ, ରାଜେଶ କୁମାର ରାଉଳ, ମିରାବାଇ ପାଣିଗ୍ରାହୀ, ଅଞ୍ଜଳି କୁମାରୀ ମହାନ୍ତି ଓ ଆରତୀ ପ୍ରଭା ମହାରଣାଙ୍କ ପ୍ରାର୍ଥିତ୍ୱ କାଏମ ରହିଥିବା ନିର୍ବାଚନ ଅଧିକାରୀ ଅନିଲ କୁମାର ପଣ୍ଡା ସୂଚନା ଦେଇଛନ୍ତି। ୭ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ୬ଟି ପୁରୁଷ ଓ ଗୋଟିଏ ମହିଳା ଆଇନଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଜଣାପଡ଼ିଛି। ଆସନ୍ତା




୩୦ତାରିଖ ପୂର୍ବାହ୍ନ ୮ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ଅପରାହ୍ନ ୪ଟା ପରେ ଗଣତି ଶେଷ ପରେ ଫଳାଫଳ ଘୋଷଣା କରାଯିବ। ଚଳିତ ନିର୍ବାଚନରେ ପୋଷ୍ଟର ଓ ବ୍ୟାନର ଉପରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କଟକଣା ଜାରି କରାଯିବା ପରେ ଡୋର କ୍ୟାମ୍ପେନିଂ ସହ ପୁସିଂକାର୍ଡ ଜରିଆରେ ବ୍ୟକ୍ତିଗତ ପ୍ରଚାର ଉପରେ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହୋଇଛି। ସେହିଭଳି ସୋସିଆଲ ମିଡିଆ ମାଧ୍ୟରେ ପ୍ରଚାରକୁ ମଧ୍ୟ ଜୋରଦାର କରିଛନ୍ତି ସମସ୍ତ ପ୍ରାର୍ଥୀ। ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଏକ ୩୦ଜଣିଆ କମିଟି ଗଠନ ନିମନ୍ତେ ନିଷ୍ପତ୍ତି ହୋଇଛି। ଯେଉଁମାନେ ନିର୍ବାଚନ ପରିଚାଳନାରେ ନିର୍ବାଚନ ଅଧିକାରୀଙ୍କୁ ସହଯୋଗ କରିବେ ବୋଲି ଶ୍ରୀପଣ୍ଡା ସୂଚନା ଦେଇଛନ୍ତି।

### ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରରେ ସଚେତନତା କର୍ମଶାଳା

## ରାଷ୍ଟ୍ର ନିର୍ମାଣରେ ନାଗରିକଙ୍କ ଭୂମିକା ସମ୍ପର୍କିତ ଆଲୋଚନା



**ବ୍ରହ୍ମପୁର, ୧୬ ।୩(ସମିସ)**

ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ନାଗରିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନାମଧନ୍ୟ ବରିଷ୍ଠ ଗାଳ୍ପିକ, କଥାକାର ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ର ନିର୍ମାଣରେ ନାଗରିକମାନଙ୍କର ଭୂମିକା ସମ୍ପର୍କିତ ଭାବଗର୍ଭକ, ପ୍ରେରଣାଦାୟୀ, ଉପାଦେୟ ଉଦ୍‌ବୋଧନ ଦେଇ ଉପସ୍ଥିତ ସମସ୍ତଙ୍କ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଭାରତର ଉଚ୍ଚକୋଟୀର ପୁରାତନ ସଂସ୍କୃତି, ପରମ୍ପରା ଯଥା ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେଇଥିବା ବହୁ ମନିଷୀ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ମାନଙ୍କ ରାଷ୍ଟ୍ରପ୍ରେମ ଏବଂ ଉତ୍ସର୍ଗୀକୃତ ଦେଶପ୍ରେମର ସୁନ୍ଦର ଉଦାହରଣ ଦେଇ ସମସ୍ତଙ୍କୁ ଚମତ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଛଅଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ନାଗରିକ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ପ୍ରଧ୍ୟାପକ ଏବଂ ବିଦ୍ୟାଳୟର ବହୁ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ।

ଅନ୍ୟତମ ଅତିଥିଭାବେ ବ୍ରହ୍ମପୁର ରୋଟାରୀ କ୍ଲବର ସଭାପତି ସି.ଏଚ୍. ମୋହନ ସୁବୁଦ୍ଧି, ସମାଜସେବୀ ସୁକାନ୍ତ ପଟ୍ଟନାୟକ, କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଶିବପ୍ରସାଦ ଦାସ, ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, ଉପଦେଷ୍ଟା କେ.ଭେଙ୍କେଟ ରାଓ, ଉପଦେଷ୍ଟା ମମତା ପାଣିଗ୍ରାହୀ, ସଂକୁଳ ପ୍ରମୁଖ ଦିଲ୍ଲୀପ କୁମାର ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ପ୍ରଧ୍ୟାପକ ଡ. ବିବେକାନନ୍ଦ ପଣ୍ଡା, ପ୍ରଧ୍ୟାପକ ଉମେଶ ସାହୁ, ପ୍ରଧ୍ୟାପକ ରାଜେନ୍ଦ୍ର ମୂର୍ତ୍ତୀ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଏବଂ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପାଣିଗ୍ରାହୀ ପରିଚାଳନା ଏବଂ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ଶୈକ୍ଷିକ ପରାମର୍ଶଦାତା ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିକ୍ଷାନୁଷ୍ଠାନ ପ୍ରାଙ୍ଗଣରେ ଏକ ସୁନ୍ଦର ଦେଶାତ୍ମବୋଧକ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିବାରୁ ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ସ୍ୱୟମ୍ ଯୋଜନାର ଆବେଦନ ଶେଷ



**ବ୍ରହ୍ମପୁର, ୧୬ ।୩(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ସ୍ୱୟମ ଯୋଜନା ପାଇଁ ଯୁବପିଢିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସରକାରୀ ସହାୟତା ମାଧ୍ୟମରେ ଉଦ୍ୟୋଗୀ ହେବାକୁ ଯୁବପିଢି ଆଶା କରିଛନ୍ତି। ଏନେଇ ବିଇଏମସି ପରିସରରେ ଶନିବାର ଯୁବାବର୍ଗଙ୍କ ଭିଡ଼ ଦେଖିବାକୁ ମିଳିଛି। ଆବେଦନର ଶେଷ ଦିବସରେ ସମସ୍ତେ ଉତ୍ସାହର ସହିତ ଏଥିରେ ଅର୍ନ୍ତଭୁକ୍ତ ହେବାକୁ ପତ୍ର ପ୍ରଦାନ କରିଥିଲେ। ବିଇଏମସି ଅଧିନସ୍ଥ ପାଖାପାଖି ୪୦୦ଜଣ ଯୁବାବର୍ଗ ଏହି ଯୋଜନାରେ ଆବେଦନ କରିଥିବା ଜଣାଯାଇଛି।

## ଋଷିକୂଲ୍ୟା ନଦୀପଠା ଉନ୍ନୟନ ପ୍ରକଳ୍ପର କାର୍ଯ୍ୟାରମ୍ଭ




**ବ୍ରହ୍ମପୁର, ୧୬ ।୩(ସମିସ):** ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପ ମାଁ' ତାରାରିଣୀ ମନ୍ଦିର ପାଦଦେଶସ୍ଥ ଋଷିକୂଲ୍ୟା ନଦୀପଠା ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ହୋଇଯାଇଛି। ଜଳସମ୍ପଦ ବିଭାଗ ଅଧିନସ୍ଥ ଋଷିକୂଲ୍ୟା, ବଂଶଧାରା ଓ ନାଗାବଳୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ଇଂ ସଞ୍ଜିବ କୁମାର ଦାଶଶର୍ମାଙ୍କ ଉପସ୍ଥିତିରେ ଗୁରୁବାର ଏହାର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ପ୍ରଦୀପ କୁମାର ଶତପଥୀ, ଅଧିକ୍ଷଣ ଯନ୍ତ୍ରୀ ଜୟଦୀପ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ଦାଶ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜଳସମ୍ପଦ ବିଭାଗ ଦ୍ୱାରା ୨୬.୯୩ କୋଟି ଟଙ୍କା ବିନିମୟରେ ଏହି ଉନ୍ନୟନ କାର୍ଯ୍ୟ ହେବ। ଗତ ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ଏହାର ଡ଼ିଜାଇନ ସରିବା ପରେ ବର୍ତ୍ତମାନ କାର୍ଯ୍ୟାରମ୍ଭ ହୋଇଛି।

## ରୋଟାରୀ ଇଷ୍ଟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର



ବ୍ରହ୍ମପୁର, ୧୬ ।୩(ସମିସ): ଏମକେସିଜି ମେଡିକାଲ କଲେଜ ଖେଳ ପଡ଼ିଆରେ ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ବିଶ୍ୱ 'ଗ୍ଲୁକୋମା ସପ୍ତାହ' ଅବସରରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଏମକେସିଜି ମେଡିକାଲ ଚକ୍ଷୁ ବିଭାଗର ସହଯୋଗୀ ପ୍ରଫେସର ଡ଼ା. ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ସହଯୋଗୀ ଟିମ୍ ଚକ୍ଷୁ ପରୀକ୍ଷା କରିଥଲେ। ଶିବିରରେ ୧୦୪ଜଣଙ୍କର ମାଗଣାରେ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୫ଜଣଙ୍କ ପରଳ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ଶିବିରରେ ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଡାକ୍ତର ନାରାୟଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନାଗରିକ ସମୂହ ଗ୍ଲୁକୋମା ଟେଷ୍ଟ କରାଇଥିଲେ। ଗ୍ଲୁକୋମା ହେଉଛି ଚକ୍ଷୁର ଏକ ଜଟିଳ ରୋଗ ଯାହା ଦୃଷ୍ଟି ଶକ୍ତିକୁ ପ୍ରଭାବିତ କରିଥାଏ ଏବଂ ଚକ୍ଷୁର ପଶ୍ଚାତ ଭାଗରେ ଥିବା ସ୍ନାୟୁ ତନ୍ତ୍ର ସମୂହର କ୍ଷତିଗ୍ରସ୍ତ କରାଇ ଅନ୍ଧତ୍ୱର କାରଣ ହୋଇ ଥାଏ ବୋଲି ଉପସ୍ଥିତ ଡାକ୍ତରମାନେ ରୋଗୀଙ୍କୁ ସଚେତନ କରିଥିଲେ। ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ସଭାପତି ନାରସୁ ଜେନାଙ୍କ ନେତୃତ୍ୱରେ ସଂଗଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଲିଙ୍ଗରାଜ ନାୟକ, ପୂର୍ବତନ ସଭାପତି ଅଜିତ କୁମାର ପୃଷ୍ଟି, କ୍ଲବର ପବ୍ଲିକ ଇମେଜ୍ ଚେୟାରମ୍ୟାନ ତଥା ପୂର୍ବତନ ସଭାପତି କାମରାଜୁ ମହାରଣା, ପ୍ରଦୀପ କୁମାର ପଣ୍ଡା, ଜୟନ୍ତ କିଶୋର ପାତ୍ର, ଏମ୍. ମନୋଜ ପ୍ରମୁଖ ସଂଯୋଜନା କରିଥିଲେ।

# ଅଂଶୁଘାତକୁ ନେଇ ପ୍ରଶାସନର ଆଗୁଆ ପଦକ୍ଷେପ

**ବ୍ରହ୍ମପୁର, ୧୬ ।୩(ସମିସ)**



- **ରୋଗୀଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ଜିଲ୍ଲାର ସମସ୍ତ ହସ୍ପିଟାଲ୍**
- **ସଚେତନତା ପାଇଁ ନିୟୋଜିତ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ**
- **ପର୍ଯ୍ୟାପ୍ତ ସଂଖ୍ୟାରେ ଜଳଛତ୍ର ଖୋଲିବାକୁ ଗାଁ କଲ୍ୟାଣ ସମିତିକୁ ନିର୍ଦ୍ଦେଶ**
- **ଅଂଶୁଘାତ ଜନିତ ମୃତ୍ୟୁ ହେଲେ ଯୁଗ୍ମକମିଟି କରିବ ତଦନ୍ତ**

ସାରା ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରଭାବ। ଆଗକୁ ସ୍ଥିତି ଆହୁରି ଅସମ୍ଭାଳ ହେବାର ଆଶଙ୍କା ରହିଛି। ତାତିରୁ ରକ୍ଷା ପାଇବାକୁ ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି। ତଥାପି ଲୋକଙ୍କ ଉପରେ ଦାଉ ସାଜୁଛି ମୁଣ୍ଡଫଟା ଖରା ଓ ଗ୍ରୀଷ୍ମପ୍ରବାହ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ତଥା ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଅସହ୍ୟ ତାତି ଓ ଗୁଳୁଗୁଳିକୁ ନଜରରେ ରଖି ଏମକେସିଜି ମେଡିକାଲ ସମେତ ଜିଲ୍ଲାର ସମସ୍ତ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅସହ୍ୟ ତାତିରେ ପ୍ରଭାବିତ ଲୋକଙ୍କ ପାଇଁ ଏମକେସିଜି ମେଡ଼ିକାଲରେ ଖୋଲାଯାଇଛି ୧୦ଟି ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ। ୱାର୍ଡକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ହିଟଷ୍ଟ୍ରୋକ ବା ଅଂଶୁଘାତ ୱାର୍ଡରେ ଗୁରୁତର ଅଂଶୁଘାତ ରୋଗୀଙ୍କ ଚିକିତ୍ସା କରାଯିବ। ରୋଗୀଙ୍କ ନିମନ୍ତେ ଆବଶ୍ୟକ ମୁତାବକ ଔଷଧ ସମେତ ପ୍ରଚୁର ପରିମାଣର ଓଆରଏସ ଗଚ୍ଛିତ ରହିଛି। ସେହିପରି ମେଡ଼ିକାଲର ମେଡିସିନ ବିଭାଗରେ ମଧ୍ୟ ୪ଟି ଶଯ୍ୟା ବିଶିଷ୍ଟ ଆଉ ଏକ ହିଟଷ୍ଟ୍ରୋକ ୱାର୍ଡ ଖୋଲାଯାଇଛି। ଏହାପରେ ଯଦି ଆବଶ୍ୟକ ପଡେ ତେବେ ଶଯ୍ୟା ସଂଖ୍ୟାକୁ ବୃଦ୍ଧି କରାଯିବ। ସମସ୍ତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ମେଡ଼ିକାଲର ଟିକେଟ କାଉଣ୍ଟର ନିକଟରେ ଏକ ସ୍ୱତନ୍ତ୍ର ଓଆରଏସ କର୍ଣ୍ଣର ବା କାଉଣ୍ଟର ଖୋଲା ଯାଇଛି। ଏଠାରୁ ମେଡ଼ିକାଲର ସମସ୍ତ ରୋଗୀମାନଙ୍କୁ ଓଆରଏସ ପ୍ରଦାନ କରାଯାଉଛି। ଏହାସହ ଗୁରୁତର ରୋଗୀଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାଶ କହିଛନ୍ତି। ଅନ୍ୟପକ୍ଷରେ ଅଂଶୁଘାତ ଆକ୍ରାନ୍ତ ରୋଗୀଙ୍କ ପାଇଁ ଜିଲ୍ଲାର ଉପଖଣ୍ଡସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଟି ଲେଖାଏଁ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଲେଖାଁଏ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଶଯ୍ୟାର ବ୍ୟବସ୍ଥା କରାଯାଇଛି। ଏହାସହ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠର ବ୍ୟବସ୍ଥା କରାଯାଇଛି। ଯେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଏସିର ବ୍ୟବସ୍ଥା ନାହିଁ ସେଠାରେ ରୋଗୀଙ୍କ ନିମନ୍ତେ କୁଲର ବ୍ୟବସ୍ଥା କରାଯାଇଛି। ରୋଗୀଙ୍କ ପାଇଁ ଆବଶ୍ୟକ ମୁତାବକ ଔଷଧ ସାଙ୍ଗକୁ ପ୍ରଚୁର ଓଆରଏସ ମହଜୁଦ ଥିବା କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଉମାଶଙ୍କର ମିଶ୍ର। ଏହାସହ ଜିଲ୍ଲାର ସମସ୍ତ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ଅଂଶୁଘାତ ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଉଛି। ସ୍ୱାସ୍ଥ୍ୟ କର୍ମୀମାନେ ବିଭିନ୍ନ ଗ୍ରାମକୁ ଯାଇ ଅଂଶୁଘାତର ଲକ୍ଷଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବାକୁ ଗାଁ କଲ୍ୟାଣ ସମିତିକୁ ନିର୍ଦ୍ଦେଶ ଦିଆଯାଇଥିବା ଡ଼ା. ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଯଦି କୌଣସି ବ୍ୟକ୍ତିଙ୍କର ଅଂଶୁଘାଜନିତ ମୃତ୍ୟୁ ଅଭିଯୋଗ ହୁଏ ତେବେ ମେଡିକାଲ ଅଫିସର ଓ ସ୍ଥାନୀୟ ତହସିଲଦାରଙ୍କୁ ନେଇ ଏକ ଯୁଗ୍ମକମିଟି ଗଠନ କରାଯିବ। ଏବଂ ଉକ୍ତ କମିଟି ରୋଗୀଙ୍କ ମୃତ୍ୟୁର ତଦନ୍ତ କରି ୨୪ଘଣ୍ଟା ମଧ୍ୟରେ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି ଡ଼ା. ମିଶ୍ର କହିଛନ୍ତି।

### ଅଟୋଚାଳକଙ୍କୁ ଅପହରଣ

## ଜଙ୍ଗଲରେ ଉଲଗ୍ନ କରି ନିର୍ଧୁମ ଛେଚିଲେ

**ଅଟୋ ଓ ମୋବାଇଲ ଭଙ୍ଗାରୁଜା କରି ମନିପର୍ସ ଲୁଟିଲେ**

**ବ୍ରହ୍ମପୁର, ୧୬ ।୩(ସମିସ):** ବଡବଜାର ଥାନା ଅଞ୍ଚଳରେ ଜଣେ ଅଟୋ ଚାଳକଙ୍କୁ ଲୋଚାପଡ଼ା ଅଞ୍ଚଳରୁ କିଛି ଦୁର୍ବୃତ୍ତ ଅପହରଣ କରି ନେଇ ନିର୍ଧୁମ ମାଡ଼ ମାରିଥିବା ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ବଡବଜାର ଥାନା ଅନ୍ତର୍ଗତ ଗୌଡ଼ ସାହି ନିବାସୀ ଟୁକୁନା ବେହେରା ଜଣେ ଅଟୋ ଚାଳକ (୩୪)। ସେ ଗତ ୧୪ତାରିଖରେ ନିଜ ବଡ ଭଉଣୀଙ୍କ ଘରକୁ ଯାଉଥିବା ବେଳେ ଲୋଚାପଡ଼ା ଅଞ୍ଚଳରେ ସେହିଗ୍ରାମର କାହ୍ନୁ ବେହେରା, ନାନୁ ଓ ମନାସି ବେହେରା ଅଟୋକୁ ଅଟକାଇ ମାରପିଟ କରିଥିଲେ। ପରେ ଅଟୋ ଚାଳକ ଟୁକୁନାକୁ ଅପହରଣ କରି ନେଇ ଟାମଣା ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ଟୁକୁନାକୁ ଜୀବନରୁ ମାରିଦେବା ଉଦେ୍ଧଶ୍ୟରେ ଏକ ଧାରୁଆ ଅସ୍ତ୍ରରେ ମାରପିଟ କରିଥିଲେ। ଏବଂ ଟୁକୁନାଙ୍କ ଅଟୋ ଓ ମୋବାଇଲକୁ ଭଙ୍ଗାରୁଜା କରିବା ସହ ତାଙ୍କ ଠାରୁ ମନିପର୍ସ ଛଡ଼ାଇ ନେଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଟୁକୁନା ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ମେଡ଼ିକାଲରେ ଅଟୋଚାଳକ ଟୁକୁନାଙ୍କ ଚିକିତ୍ସା ଜାରି ରହିଥିବାବେଳେ ଘଟଣାକୁ ନେଇ ଟୁକୁନାଙ୍କ ବାପା କୁନୁ ବେହେରା ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ବ୍ରହ୍ମପୁର ସାଂସଦ, ବିଧାୟକ ଓ ମେୟରଙ୍କ ଉପସ୍ଥିତିରେ ବହୁ ପ୍ରକଳ୍ପ ଲୋକାର୍ପିତ





ବ୍ରହ୍ମପୁର,୧୬ ।୩(ସମିସ)



ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବ୍ରହ୍ମପୁର ସହର ତଥା ଉପକଣ୍ଠରେ ବହୁ ପ୍ରକଳ୍ପର ଉଦ୍‌ଘାଟନ ସମ୍ପନ୍ନ ହୋଇଛି । ଦିର୍ଘ ଦିନ ଧରି ଜାରି ରହିଥିବା ତଥା ଅଞ୍ଚଳବାସୀଙ୍କ ଦିର୍ଘ ଦିନର ଦାବି ରହିଥିବା ବହୁ ପ୍ରତିକ୍ଷିତ ପ୍ରକଳ୍ପ ସବୁ ଲୋକାର୍ପିତ ହୋଇପାରିଛି । ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ନୂତନ ବସଷ୍ଟାଣ୍ଡ ନିକଟ ଗେଟକୁ ବନ୍ଦ କରି ଦେବା ଫଳରେ ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଦିର୍ଘ ବର୍ଷ ଧରି ଅସନ୍ତୋଷ ଲାଗି ରହିଥିଲା । ଏହାକୁ ନେଇ ମାମଲା କୋର୍ଟରେ ବିଚାରାଧିନ ଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ଭାବେ ବ୍ରହ୍ମପୁର ବିଧାୟକଙ୍କ ଉଦ୍ୟମରେ ବିକଳ୍ପ ରାସ୍ତା ନିର୍ମାଣ କରାଯାଇଥିଲା । ପ୍ରାୟ ଦେଢ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଭାବିନିପୁର ଠାରୁ ବ୍ରହ୍ମାନଗର ଛକ ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ପ୍ରଶସ୍ଥ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ପରେ ଏହାକୁ ଶନିବାର ଲୋକାର୍ପିତ କରାଯାଇଛି । ଫଳରେ ଲୋକଙ୍କ ଯାତାୟତରେ ଏହା ବେଶ ସହାୟକ ହୋଇପାରିବ । ଏହି ରାସ୍ତାର ଲୋକାର୍ପଣ ଉତ୍ସବ ସମୟରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଏମକେସିଜି ମେଡିକାଲ କଲେଜର ଡିନ ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର, ଅଧିକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ଓ ବହୁ କର୍ପୋରେଟର ଉପସ୍ଥିତ ଥିଲେ । ସେହିଭଳି ୩୬ନମ୍ବର ୱାର୍ଡ ଅନ୍ତର୍ଗତ ଗଜପତି ନଗରରେ ନିଗମର ପାଠାଗାରର ଉନ୍ନତିକରଣ ସହ ନୂତନ ୱାର୍ଡ ଅଫିସକୁ ଲୋକାର୍ପଣ କରାଯାଇଥିଲା । ଏହା ସହ ବ୍ରହ୍ମପୁର ମହାନଗର ନିଗମ ଅଧିନସ୍ଥ ୧୦ନମ୍ବର ୱାର୍ଡ ତଥା ପୁରୁଣା ବ୍ରହ୍ମପୁର ସ୍ଥିତ ତ୍ରିନାଥ ମନ୍ଦିର ଉଦଘାଟନ ହୋଇଯାଇଛି । ଏହା ସହ ହଳଦିଆ ପଦର ଠାରୁ ସିଲା ପେଟ୍ରୋଲ ପମ୍ପଦେଇ ଯାଇଥିବା ରୋଡ଼ ସାପୁଆ ନାଳ ଉପରେ ଥିବା ସେତୁ, ସମେତ ମହାନଗର ନିଗମର ବିଭିନ୍ନ ୱାଡର୍‌ରେ ମଧ୍ୟ ବହୁ ସ୍ଥାନରେ ନିର୍ମାଣ ହୋଇଥିବା ଉନ୍ନୟନ କାର୍ଯ୍ୟର ଉଦଘାଟିତ ହୋଇଛି । ଏ ଅବସରରେ ବ୍ରହ୍ମପୁର ସାଂସଦ, ବିଧାୟ, ଡେପୁଟି ମେୟର ଓ ବହୁ କର୍ପୋରେଟରଙ୍କ ସମେତ ଗଜପତିନଗର ଉନ୍ନୟନ କମିଟି ଓ ହନୁମାନ ମନ୍ଦିର ପରିଚାଳନା କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ସମସ୍ତ ପ୍ରକଳ୍ପ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

# ପାର୍ଟଟାଇମ୍ ଚାକିରି ଆଳରେ ସାଇବର ଠକେଇର ଶିକାର ହେଲେ ଯୁବକ

**ବ୍ରହ୍ମପୁର,୧୬ ।୩(ସମିସ):** ଅନଲାଇନରେ ପାର୍ଟଟାଇମ ଚାକିରି କରିବାକୁ ଉଦ୍ୟମ କରି ପୁଣି ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଥିବା ଜଣାପଡିଛି । ସାଇବର ଠକମାନେ ତାଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୮୨ହଜାର ୩୦୦ଟଙ୍କା ଠକି ନେଇଛନ୍ତି । ଏନେଇ ବ୍ରହ୍ମପୁର ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଫୁଲଟା ବରକୁଦି ଗ୍ରାମର ଆଦିତ୍ୟ ନାରାୟଣ ବିଷୋୟୀ (୨୧)ଙ୍କ ନିକଟକୁ କିଛିଦିନ ପୂର୍ବେ ଏକ ମେସେଜ ଆସିଥିଲା । ହ୍ୱାଟ୍ସଅପରେ ଆସିଥିବା ଏହି ମେସେଜରେ ଘରେ ବସି ପାର୍ଟଟାଇମ ଚାକିରି କରି ଟଙ୍କା ରୋଜଗାର କରିପାରିବେ ବୋଲି ଉଲ୍ଲେଖ ଥିଲା । ସେହି ମେସେଜ ସହ ଆସିଥିବା ଲିଙ୍କରେ କ୍ଲିକ କରିବା ପରେ ନାମ ପଞ୍ଜିକରଣ କରିବାକୁ କୁହାଯାଇଥିଲା । ଆଦିତ୍ୟ ନିଜ ନାମ ଓ ଠିକଣା ପ୍ରଦାନ କରି ପଞ୍ଜିକରଣ କରିବା ପରେ ତାଙ୍କୁ ଅନଲାଇନରେ କିଛି କାମ ଦିଆଯାଇଥିଲା । ସେହିପରି ୨୦୦ଟଙ୍କା ରିଚାର୍ଜ କରି ୪୦୦ଟଙ୍କା ବୋନସ ପାଇବେ ବୋଲି କୁହାଯାଇଥିଲା । ଆଦିତ୍ୟ ୨୦୦ଟଙ୍କା ରିଚାର୍ଜ କରିବାର କିଛି ସମୟ ପରେ ତାଙ୍କ ଟେଲିଗ୍ରାମ ଆକାଉଣ୍ଟକୁ ୪୦୦ଟଙ୍କା ଆସିଥିଲା । ହେଲେ ଉକ୍ତ ୪୦୦ଟଙ୍କାକୁ କିଭଳି ଉଠାଇବେ ତାହା ସେ ଜାଣିପାରିନଥିଲେ । ଏହାପରେ ତାଙ୍କୁ ଆଉ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହେବାକୁ ପରାମର୍ଶ ଦିଆଯାଇଥିଲା । ସେଠାରେ ଆଉକିଛି ଟଙ୍କା ଜମା କରିବା ପରେ ସମସ୍ତ ଟଙ୍କା ଉଠାଇ ପାରିବେ ବୋଲି କୁହାଗଲା । ସେହିକ୍ରମରେ ମୋଟ ୧୦ଟି ପର୍ଯ୍ୟାୟରେ ଆଦିତ୍ୟ ୮୨ହଜାର ୩୦୦ଟଙ୍କା ଜମା କରିବା ପରେ ମଧ୍ୟ ସେ ନିଜ ମୂଳ ଟଙ୍କା ଉଠାଇବାରେ ସକ୍ଷମ ହୋଇନଥିଲେ । ଓଲଟି ତାଙ୍କୁ ଆଉ ଅଧିକରୁ ଅଧିକ ଟଙ୍କା ଜମା କରିବାରୁ କୁହାଯାଇଥିଲା । ଏହାପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଘଟଣା ସମ୍ପର୍କରେ ଆଦିତ୍ୟ ସାଇବର ହେଲ୍ପ ଲାଇନ ଦ୍ୱାରା ଅଭିଯୋଗ କରିଥିଲେ । ପରେ ସେ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ପୁଲିସ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ତାଲିମ



**ବ୍ରହ୍ମପୁର,୧୬ ।୩(ସମିସ):** ବ୍ରହ୍ମପୁର ପୁଲିସ ଜିଲ୍ଲାରେ କାର୍ଯ୍ୟରତ ପୁଲିସ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କିତ ତାଲିମ ପ୍ରଦାନ ନିମନ୍ତେ ଦିନିକିଆ କର୍ମଶାଳା ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ଆଇଜିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଜି ଜୟନାରାୟଣ ପଙ୍କଜ, ଟ୍ରେଜେରି ଅଧିକାରୀ ପ୍ରଣବ ତ୍ରିପାଠୀ, ଡିଆଇବି ଇନ୍ସପେକ୍ଟର ତିରୁପତି ଚୌଧୁରୀ ମଞ୍ଚାସୀନ ଥିଲେ । ନିର୍ବାଚନ ସମୟରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଏସପି କହିଥିଲେ । କର୍ମଶାଳାରେ ପୁଲିସ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ସ୍ୱତନ୍ତ୍ର ଟିମରେ ସାମିଲ ଥିବା ଇନ୍ସପେକ୍ଟର, ଏସଆଇ, ଏଏସଆଇ, ହାବିଲଦାର ସାମିଲ ହୋଇଥିଲେ । ନିର୍ବାଚନ ପ୍ରକିୟା ଚାଲୁଥିବା ବେଳେ ଗଣ୍ଡଗୋଳ, ବିଭ୍ରାଟ, ଟଙ୍କା କାରବାର ହେଉଥିଲେ କିଭଳି ପଦକ୍ଷେପ ନିଆଯିବ ସେନେଇ ତାଲିମ ଦିଆଯାଇଥିଲା ।

# ରେଳଧାରଣାରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୬ ।୩(ସମିସ): ସରକାରୀ ରେଳବାଇ ପୋଲିସ(ଜିଆରପି) ଶନିବାର ସକାଳେ ଗୁଡ୍ସସେଡ଼ ରୋଡ ଦେଇ ଯାଇଥିବା ରେଳଧାରଣରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତକ ଜଣକ ବଡବଜାର ଥାନା ଅନ୍ତର୍ଗତ ହର୍ଷବିହାର ନିବାସୀ ଶ୍ୟାମଲାଲ ସାହୁ(୫୨) ବୋଲି ତଦନ୍ତ ବେଳେ ଜଣାପଡିଛି । ମୃତକ ଶ୍ୟାମଲାଲ ଜଣେ ବ୍ୟବସାୟୀ ବୋଲି ପୁଲିସ କହିଛି । ବ୍ୟବଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ପାରିବାରିକ ଅଶାନ୍ତି କାରଣରୁ ସେ ଇଷ୍ଟକୋଷ୍ଟ ଏକ୍ସପ୍ରେସ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଘଟଣାରୁ ପ୍ରକାଶ ଯେ, ଶ୍ୟାମଲାଲ ନିଜ ପରିବାର ସହ ବ୍ରହ୍ମପୁରରେ ରହୁଥିଲେ । ଶୁକ୍ରବାର ବିଳମ୍ବିତ ରାତିରୁ ସେ ଘରୁ ଚାଲିଯାଇଥିବା ବେଳେ ପରିବାର ଲୋକେ ସକାଳୁ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ । ତାଙ୍କର ମୋବାଇଲ ବନ୍ଦ ରହିଥିଲା । ଯାହାକୁ ନେଇ ପରିବାର ବର୍ଗ ଚିନ୍ତାରେ ରହିଥିଲେ । ଶନିବାର ସକାଳେ ରେଳଧାରଣରେ ଏକ ମୃତଦେହ ପଡିଥିବା ନେଇ ପୋଲିସ ଖବର ପାଇଥିଲା । ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା । ମୃତକଙ୍କ ବେକରେ ଥିବା ସୁନାଚେନ ଓ ସେ ହାତରେ ପିନ୍ଧିଥିବା ସୁନାଚେନକୁ ପୋଲିସ ଜବତ କରିଥିଲା । ପରେ କୌଣସି ସୂତ୍ରରୁ ଖବର ପାଇ ମୃତକଙ୍କ ପୁଅ ଶୁଭମ ଗୁପ୍ତା ଓ ଭାଇ ଘଟଣାସ୍ଥଳରେ ପହଞ୍ଚିଥିଲେ । ଶୁଭମ ନିଜ ବାପାଙ୍କ ମୃତଦେହକୁ ଚିହ୍ନଟ କରିଥିଲେ । ପୋଲିସ ଜବତ ସୁନା ଶୁଭମଙ୍କ ଜିମାରେ ଦେଇଥିବା କହିଛି । ପୋଲିସ ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ଗଉଞ୍ଜୁ ମଦ ଦୋକାନରେ ମାରପିଟ ଘଟଣା; ଦୁଇ ଅଟକ

ବ୍ରହ୍ମପୁର,୧୬ ।୩(ସମିସ): ତେର ଗଉଞ୍ଜୁ ଦେଶୀମଦ ଦୋକାନ ନିକଟରେ ମାରପିଟ ଘଟଣାରେ ପୁଲିସ ଦୁଇଜଣଙ୍କୁ ଅଟକ ରଖିଛି । ଅଟକ ଦୁଇଜଣ ହେଲେ ନାରାୟଣ ଦାସ ଓ ପ୍ରଦୀପ ଦାସ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ୧୪ତାରିଖ ରାତ୍ର ୮ଟା ସମୟରେ ଗଉଞ୍ଜୁ ଗ୍ରାମର କାଳୁ ଦାସ ଓ ମୁନା ଦାସ ତେର ଗଉଞ୍ଜୁ ଗ୍ରାମରେ ଥିବା ମଦଭାଟିକୁ ମଦ ପିଇବାକୁ ଯାଇଥିଲେ । ସେଠାରେ ପ୍ରଦୀପ ଦାସ ଓ ଭିକାରୀ ଦାସଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା । ମୁନା ଓ କାଳୁ ଉଭୟଙ୍କୁ ବୁଝାସୁଝା କରିବାରୁ ପ୍ରଦୀପ ଦାସ ସେଠାରେ ଥିବା ଏକ ଲୁହାରଡ଼ରେ ମୁନା, ଭିକାରୀ ଓ କାଳୁଙ୍କୁ ମାଡ ମାରିଥିଲା । ସେହି ସମୟରେ ପ୍ରଦୀପର ସହଯୋଗୀ ନାରାୟଣ ଦାସ ହସ୍ତକ୍ଷେପ କରି ମୁନା ଓ କାଳୁକୁ ଧରି ପ୍ରଦୀପକୁ ପାଲଟା ଆକ୍ରମଣ କରିବାକୁ ପ୍ରବର୍ତ୍ତାଇଥିଲା । ଯଦ୍ୱାରା ମୁନା ଓ ଭିକାରୀ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ । ମୁନାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଉକ୍ତ ରାତିରେ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ରାତ୍ର ପ୍ରାୟ ୮ଟା ସମୟରେ ମୁନାଙ୍କର ମୃତ୍ୟୁ ହୋଇଥିଲା । କାଳୁ ଦାସଙ୍କ ଅଭିଯୋଗ ପ୍ରକାରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ଥିବା ନାରାୟଣ ଦାସକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଥିବା ବେଳେ ପ୍ରଦୀପ ଦାସ ଫେରାର ରହିଥିଲା । କୌଣସି ସୂତ୍ରରୁ କୋଦଳା ଅଞ୍ଚଳରେ ପ୍ରଦୀପ ଲୁଚିଥିବା ଖବର ପାଇ ପୁଲିସ ଟିମ ସେଠାରେ ପହଂଚି ଶନିବାର ସକାଳେ ଏକ ସମ୍ପର୍କୀୟଙ୍କ ଘରୁ ଫେରାର ପ୍ରଦୀପକୁ କାବୁ କରି ତା ନିକଟରୁ ଆକ୍ରମଣରେ ବ୍ୟବହାର ହୋଇଥିବା ଏକ ଲୁହାରଡ଼ ଓ ପ୍ଲାଷ୍ଟିକ ପାଇପ ଜବତ କରିଛି ପୁଲିସ । ଏହି ଘଟଣାରେ ଆଉ କାହାର କାହାର ସମ୍ପୃକ୍ତି ରହିଛି ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶରତ କୁମାର ମାହାଳିକ ସୂଚନା ଦେଇଛନ୍ତି ।

# ଖୋଡାସିଙ୍ଗି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୧୬ ।୩(ସମିସ)




ସ୍ଥାନୀୟ ଖୋଡାସିଙ୍ଗି ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଗଜପତିନଗରରେ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି । ଗଜପତିନଗର ସ୍ଥିତ କଲ୍ୟାଣମଣ୍ଡପରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରକୁ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଉଚ୍ଚ ରକ୍ତଚାପ, ମଧୁମେୟ ଓ କର୍କଟ ରୋଗ ଭଳି ଅଣ ସଂକ୍ରମଣ ରୋଗର ଚିହ୍ନଟ ଓ ଚିକିତ୍ସା କରାଯାଇଥିଲା । ଏଥିରେ ବିଧାୟକ ବିକ୍ରମ ପଣ୍ଡା ନିଜେ ନିଜର ରକ୍ତ ଚାପ ଓ ମଧୁମେହ ଆଦି ପରୀକ୍ଷା କରାଇଥିଲେ । ଶିବିରରେ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ରଙ୍କ ସମେତ ଡାକ୍ତର ବଂଶୀଧର ପାଣିଗ୍ରାହୀ, ଡାକ୍ତର କରୁଣାକର ଦାଶ, ଡାକ୍ତର କେଦାରନାଥ ମିଶ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା ପ୍ରିୟଦର୍ଶନୀ, ଆଶାକର୍ମୀ, ସ୍ୱଚ୍ଛ ସୁପରଭାଇଜର ସୁନିତା ନାହକ ଆଦି ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ସ୍ଥାନୀୟ ବହୁ ଲୋକେ ନିଜନିଜର ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରାଇ ମାଗଣାରେ ଔଷଧ ପାଇବାର ସୁବିଧା ନେଇଥିଲେ । ଶିବିର ପରିଚାଳନାରେ ଗଜପତିନଗର ଉନ୍ନୟନ କମିଟି ପକ୍ଷରୁ ଆବଶ୍ୟକ ସମସ୍ତ ସହଯୋଗ କରାଯାଇଥିଲା । ଏଥିରେ କମିଟିର ବିନୋଦ କୁମାର ମହାପାତ୍ର, ପ୍ରବୋଧ ମହାପାତ୍ର, ରଞ୍ଜନ କୁମାର ପଣ୍ଡା, ଦେବୀ ପ୍ରସାଦ ଶତପଥି ଓ ଗିରିଜା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲାରେ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର,୧୬ ।୩(ସମିସ):** ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସ କୋର୍ଟ ବିଚାରପତି ଗଣେଶ୍ୱର ପତି ଶନିବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ଦୁଇଜଣ ହେଲେ ଛତ୍ରପୁର ଥାନା ଅଞ୍ଚଳର ପି. ଅଜୟ ଓ ଜି. ନାରାୟଣ । ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରେ ଜଣେ ନାବାଳିକାକୁ ପି. ଅଜୟ ପ୍ରେମ ନିବେଦନ କରିଥିଲା । ନାବାଳିକା ଜଣକ ଏଥିରେ ସହମତି ପ୍ରକାଶ ନକରିବାରୁ ସେ ବିଭିନ୍ନ ସମୟରେ ନାବାଳିକାଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରୁଥିଲେ । ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଅଜୟ ଉଠାଇ ନେଇ ଉଲଗ୍ନ ଫୋଟ ଉଠାଇଥିଲେ । ଶାରୀରିକ ସମ୍ପର୍କ ନରଖିଲେ ଫୋଟ ଭାଇରଲ କରିଦେବାକୁ ଧମକ ଦେଇ ନାବାଳିକାକୁ ଦୁଷ୍କର୍ମ କରିଥିଲେ । ଏପରିକି ପିଡ଼ିତାଙ୍କ ବାପାଙ୍କୁ ବ୍ଲାକମେଲିଂ କରି ୧୦ଲକ୍ଷ ଟଙ୍କା ନେଇଥିବା ନେଇ ଅଭିଯୋଗ ହୋଇଥିଲା । ପରେ ନାବାଳିକାକୁ ପୁଣି ଆକ୍ରମଣ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା । ଘଟଣା କ୍ରମକୁ ନେଇ ଛତ୍ରପୁର ଥାନାରେ ୨୦୨୩ମସିହା ଅଗଷ୍ଟ ୨୯ ତାରିଖରେ ଲିଖିତ ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁକରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମାମଲାର ବିଚାରଣା ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଉପରୋକ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ । ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମନୋଜ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଚନ୍ଦ୍ରଗୁପ୍ତ ପଟ୍ଟନାୟକ, ନଦିଆଚାନ୍ଦ ବିଶ୍ୱାଳ ଓ ମନୋଜ ସିଂସାମନ୍ତ ମକଦ୍ଦମା ପରିଚାଳନା କରିଥିଲେ ।

# ବେଲଗୁଣ୍ଠା ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ବେଲଗୁଣ୍ଠା,୧୬ ।୩(ସମିସ): ଶନିବାର କେନ୍ଦ୍ର ନିର୍ବାଚନ କମିଶନ ଆଗାମୀ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିବା ବେଳେ ବେଲଗୁଣ୍ଠା ପୁଲିସ୍ ପକ୍ଷରୁ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ୍‌ରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ଅଭୟ ପ୍ରଧାନ, ନାରାୟଣ ନାୟକ, ମହେଶ୍ୱର ବେହେରା, ଏଏସ୍‌ଆଇ ଜ୍ୟୋତ୍ସ୍ନା ପ୍ରଧାନ, ଅନୁ ମଲ୍ଲିକଙ୍କ ସମେତ ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ଏସ୍‌ଏସ୍‌ଟି ଟିମ୍, ସମସ୍ତ କନେଷ୍ଟବଲ, ହୋମଗାର୍ଡ ଏବଂ ସମସ୍ତ ପୁଲିସ କର୍ମଚାରୀ ସନ୍ଧ୍ୟାରେ ଥାନାଠାରୁ ଆରମ୍ଭ କରି ମେନ୍ ରୋଡ୍, ବାଙ୍କ ବଜାର, ବଡ଼ଦାଣ୍ଡ, ପେଣ୍ଠ ସାହିରୁ ବାଲିଡି ସ୍କୁଲ୍‌ଠାରେ ପହଞ୍ଚିଥିଲେ । ପୁନଶ୍ଚ ସେଠାରୁ ହାତପଦା ନୃସିଂହ ମନ୍ଦିର ଏବଂ କୋଳି ସାହି ଦେଇ ମୁଖ୍ୟ ସଡ଼କକୁ ବାହାରି ବ୍ଲକ୍ ପଡ଼ିଆଠାରେ ଫ୍ଲାଗ୍‌ମାର୍ଚ୍ଚ ଶେଷ କରିଥିଲେ ।

# ଜିଲ୍ଲା କଂଗ୍ରେସର କର୍ମୀ ଓ ସାମ୍ବାଦିକ ସମ୍ମିଳନୀ




**ବ୍ରହ୍ମପୁର,୧୬ ।୩(ସମିସ):** ସ୍ଥାନୀୟ ବାପୁଜୀ ଆଶ୍ରମ ପରିସରରେ ଶନିବାର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ମହମ୍ମଦ ଶାହନୱାଜ ଚୌଧୁରୀ ଉପସ୍ଥିତ ରହି କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଜିଲ୍ଲାରେ ଦଳୀୟ ସ୍ଥିତି ଏବଂ କିପରି ଚଳିତ ସାଧାରଣ ନିର୍ବାଚନରେ ସମସ୍ତ କର୍ମକର୍ତ୍ତା ଲୋକଙ୍କ ନିକଟକୁ କଂଗ୍ରେସର ଗ୍ୟାରେଣ୍ଟି ନେଇ ଯିବେ ସେହି ଗୁରୁମନ୍ତ୍ର ସେ କର୍ମକର୍ତ୍ତାଙ୍କୁ ପ୍ରଦାନ କରିଛନ୍ତି । କଂଗ୍ରେସ ସରକାର ଆସିଲେ ଧାନର ଏମଏସପି ମୂଲ୍ୟ ୩ହଜାର କରାଯିବ, ମହିଳା ଗୋଷ୍ଠିଙ୍କୁ କ୍ଷୁଦ୍ର ଋଣ ମାଫ କରାଯିବ, ୨ହଜାର ଟଙ୍କା ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯିବ, ୫ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରାଯିବ ଓ ବେରୋଜଗାରଙ୍କୁ ମାସିକ ୩ହଜାର ସହାୟତା ରାଶି, କୃଷକଙ୍କୁ ୨ହଜାର ମାସିକ ସହାୟତା ରାଶି ପ୍ରଦାନ କରାଯିବ, ୨ଶହ ୟୁନିଟ ମାଗଣା ବିଜୁଳି ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଏହି ବାର୍ତ୍ତାକୁ ନେଇ ଲୋକଙ୍କ ନିକଟକୁ ଯିବା ପାଇଁ ସେ ସମସ୍ତ କର୍ମୀଙ୍କୁ ଆହ୍ୱାନ କରିଛନ୍ତି । ଏ ଅବସରରେ ପୂର୍ବତନ କର୍ପୋରେଟର ଏମ ଜଗନ୍ନାଥ ରାଓ ଆଚାରୀ ଏଆଇସିସି ସମ୍ପାଦକଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ । ବରିଷ୍ଠ ନେତୃବୃନ୍ଦମାନେ ତାଙ୍କୁ ଉପଢୌକନ ଦେଇ ତାଙ୍କୁ ସ୍ୱାଗତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା(ପୂର୍ବ) ଜୋନର ସଭାପତି ଦିପକ ପଟ୍ଟନାୟକ, ନଗର ସଭାପତି ଅତୁଲ୍ୟ ପାଢୀ, ଯୁବ ସଭାପତି ବିକାଶ ନାୟକ, ଜିଲ୍ଲା ଉପ-ସଭାପତି ସୁଜୟ ଆଚାର୍ଯ୍ୟ, ବରିଷ୍ଠ ନେତା ଶମ୍ଭୁ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ବହୁ ବରିଷ୍ଠ ନେତା ଓ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ସେକ୍ଟର୍‌ସ୍ତରୀୟ ପୋଷଣ ପଖୱାଡା

ବୁଗୁଡ଼ା,୧୬ ।୩(ସମିସ): ବୁଗୁଡ଼ା ବ୍ଲକର ବିରଞ୍ଚିପୁର ଅଙ୍ଗନବାଡ଼ି କେନ୍ଦ୍ର-୧ ପରିସରରେ ବି.କରଡାବାଡି ସେକ୍ଟରସ୍ତରୀୟ ପୋଷଣ ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ମନ୍ଦାକିନୀ ସେଠୀ ଯୋଗ ଦେଇଥିଲେ । ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି ଓ ଗୀତା ବଡମୁଣ୍ଡି ଏହି ଅବସରରେ ଶିଶୁଙ୍କ ଯତ୍ନ ସାଙ୍ଗକୁ ସେମାନଙ୍କୁ ଉପଯୁକ୍ତ ପୋଷଣ ଯୋଗାଣ ଏବଂ ମାଆମାନେ ଆବଶ୍ୟକୀୟ ପୋଷଣଯୁକ୍ତ ସୁଷମ ଖାଦ୍ୟ ଗ୍ରହଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ବି.କରଡ଼ାବାଡ଼ି ସେକ୍ଟର ଅନ୍ତର୍ଗତ ୨୭ଟି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ, କିଶୋରୀ, ଗର୍ଭବତୀ ମହିଳା ଏବଂ ମା'ମାନେ ଉପସ୍ଥିତ ଥିଲେ । ଅଙ୍ଗନବାଡ଼ି କର୍ମୀ ବାସନ୍ତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା



**ଭଞ୍ଜନଗର,୧୬ ।୩(ସମିସ):** ସାଧାରଣତଃ ଜାନୁଆରୀଠାରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଜଙ୍ଗଲରେ ନିଆଁ ଲାଗିଥାଏ । ଖୁବ୍ କମ ସମୟ ମଧ୍ୟରେ କିଭଳି ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇ ଜଙ୍ଗଲ ନଷ୍ଟକୁ ରୋକାଯାଇପାରିବ ସେଥିପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଉତ୍ତର ଘୁମୁସର ବନଖଣ୍ଡରେ ମଧ୍ୟ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଆର୍ଥିକ ବ୍ୟୟବରାଦରେ କେନ୍ଦ୍ରୀୟ ବନାଞ୍ଚଳ ଅଧୀନସ୍ଥ ରାମପଲ୍ଲୀ, ଗୁଡ଼ିଆମ୍ବା, କାଳିଆମ୍ବା, ବାଘୁଆ ପଲ୍ଲୀ, ରଙ୍ଗା ବାଲି ଓ ପର୍ଶୁ ଲୁଣ୍ଡା ଗ୍ରାମରେ ଚଳିତ ବର୍ଷର ଜଙ୍ଗଲ ନିଆଁ ପ୍ରଶମନ ଓ ପରିଚାଳନା ପାଇଁ ସ୍ଥାନୀୟ ଓ ଅତିଥି କଳାକାରମାନଙ୍କୁ ନେଇ ଦାସ କାଠିଆ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି । ଏହି ଅବସରରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ କର୍ମୀ, ନାଟ୍ୟକାର ମାନଙ୍କୁ ବିଭିନ୍ନ ଗ୍ରାମରେ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ବାର୍ତ୍ତା ଦେଉଛନ୍ତି । ଏଥିରେ ବନ ବିଭାଗ କର୍ମଚାରୀ, ଭିଏସଏସର ସଦସ୍ୟମାନେ ସହଯୋଗ କରିଥିଲେ ।

# ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ ପଖୱାଡା




**ଗଞ୍ଜାମ,୧୬ ।୩(ସମିସ):** ଗଞ୍ଜାମ ସହର ୩ ନମ୍ବର ୱାର୍ଡ ଅଙ୍ଗନବାଡ଼ି କେନ୍ଦ୍ରରେ ୫ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇ ପୋଷଣ ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସିଡିପିଓ ସଲୀଳା ପ୍ରଧାନ ଯୋଗଦେଇ ଶିଶୁ କିଶୋରୀ ବାଳିକା, ପ୍ରସୂତି ମହିଳା, ଗର୍ଭବତୀ ମହିଳାମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ସୁପରଭାଇଜର ଛବିରାଣୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ କିଶମର ପୁଷ୍ଟିସାର ଖାଦ୍ୟ ପରିବେଷଣ, ଅନ୍ନ ପ୍ରାସନ୍ନ, ମୋ ଗେହ୍ଲାଝିଅ ଏପରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବବିତା ସେଠୀ, ପ୍ରମିତା କୁମାରୀ ନାୟକ, ମମତା ଦାଶ, ଧରିତ୍ରୀ ଦାଶ, ମମତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ



**ଛତ୍ରପୁର,୧୬ ।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଶିଶୁ ବାଟିକାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପ୍ରଥମ ସୋପାନ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତିର ସଭାପତି ଉପେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ । ମୁଖ୍ୟବକ୍ତା ରୂପେ ସମ୍ଭାଗ ଶିଶୁବାଟିକା ସଂଯୋଜକ ବିଦ୍ୟାଭାରତୀଙ୍କ ଯୋଜନାରେ ଶିଶୁ ବାଟିକା ଶିକ୍ଷା ଏବଂ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ମାଆଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ । ପରିଚାଳନା କମିଟିର ଉପାଧ୍ୟକ୍ଷ ଗୀତା ପାଢ଼ୀ ଉପସ୍ଥିତ ଥିଲେ । ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିଶୁ ବାଟିକାର ପ୍ରମୁଖ ବି ସୁଶୀଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟା ମୀରାବାଇ ସାହୁ, ଭି ସରସ୍ୱତୀ, ଇଲାରାଣୀ ମିଶ୍ର, ସୁନୀତା ଶତପଥୀ, ମଧୁମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଷ୍ଟ୍ରୀୟ ସୁରକ୍ଷା ମାସ ଉଦ୍‌ଯାପିତ



**ଭଞ୍ଜନଗର, ୧୬ ।୩(ସମିସ):** ଦକ୍ଷିଣାଞ୍ଚଳ ଓଡ଼ିଶା ବିଦ୍ୟୁତ୍ ବିତରଣ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଭଞ୍ଜନଗର ଡିଭିଜନ ପକ୍ଷରୁ ୫୩ତମ ରାଷ୍ଟ୍ରୀୟ ସୁରକ୍ଷା ଦିବସ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସର୍କଲ ମୁଖ୍ୟ ଅଭିଜିତ ପାଢ଼ୀ, ଡିଭିଜନ ମୁଖ୍ୟ ଜଗତଜିତ ଦାସ ମହାପାତ୍ର ଓ ଅନ୍ୟ ବିଭାଗ ମୁଖ୍ୟମାନେ ଉପସ୍ଥିତ ଥିଲେ । ଏହି ସୁରକ୍ଷା ମାସ ପାଳନ ଅବସରରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ, ତେଣୁ କିଭଳି ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଲାଇନମ୍ୟାନ ମାନେ ସୁରକ୍ଷିତ ରହି ସମସ୍ତ କାର୍ଯ୍ୟ କରିବା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା । ସୁରକ୍ଷା ନିୟମ ମାନି ସୁରକ୍ଷିତ ରହି ନିଜ କାର୍ଯ୍ୟ କରିବାକୁ ଅତିଥିମାନେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଭଞ୍ଜନଗର ସର୍କଲର ମୁଖ୍ୟ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହି ସୁରକ୍ଷା ମାସ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ବିଦ୍ୟୁତ କର୍ମଚାରୀମାନଙ୍କ ଦ୍ୱାରା ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା । ଏଥିରେ ବ୍ୟବସାୟିକ ସହଯୋଗୀ, ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ, ଟିପିଏସ୍‌ଓଡିଏଲର ସମସ୍ତ କର୍ମଚାରୀ, ଲାଇନ ମ୍ୟାନମାନେ ଉପସ୍ଥିତ ଥିଲେ ।

# ଓକିଲ ସଂଘ ନିର୍ବାଚନ : ସମସ୍ତ ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ଦିଗପହଣ୍ଡି, ୧୬ ।୩(ସମିସ):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ ପରିପ୍ରେକ୍ଷୀରେ ଶନିବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି । ନିର୍ବାଚନ ଅଧିକାରୀ ରତ୍ନାକର ମେକାପଙ୍କ ସୂଚନା ପ୍ରକାରେ କେବଳ କୋଷାଧ୍ୟକ୍ଷ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବାବେଳେ ଅନ୍ୟ ସମସ୍ତ ପଦବୀ ପାଇଁ ସିଧାସଳଖ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଜଣାପଡ଼ିଛି । ସଭାପତି ପଦବୀ ପାଇଁ ହରପ୍ରସାଦ ରଥ ଏବଂ ଗିରିଜା ନନ୍ଦନ ମେକାପଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଉପସଭାପତି ପାଇଁ ରଞ୍ଜନ କୁମାର ବେହେରା ଏବଂ ଗଜାନନ ତ୍ରିପାଠୀ, ସମ୍ପାଦକ ପଦବୀ ପାଇଁ ପ୍ରଦୀପ କୁମାର ନାୟକ ଏବଂ ପ୍ରହ୍ଲାଦ କୁମାର ପ୍ରଧାନ, ସହସମ୍ପାଦକ ପାଇଁ ଟୁକୁନା ପ୍ରଧାନ ଏବଂ ରବିଚନ୍ଦ୍ର ଗୌଡଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ ହୋଇଛି । ଆସନ୍ତା ୩୦ ତାରିଖ ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି ।

# କଂଗ୍ରେସର ନୂତନ କର୍ମକର୍ତ୍ତା ଚୟନ

**ଛତ୍ରପୁର, ୧୬ ।୩(ସମିସ):** ଗଞ୍ଜାମ ଜିଲ୍ଲାର ନୂତନ କଂଗ୍ରେସ କମିଟି ଗଠନ କରାଯାଇଛି । ଉକ୍ତ କମିଟିରେ ଛତ୍ରପୁର ନିର୍ବାଚନମଣ୍ଡଳୀରୁ ବରିଷ୍ଠ କଂଗ୍ରେସ ନେତା ଭାଗିରଥି ବେହେରାଙ୍କୁ ଜିଲ୍ଲା ଉପସଭାପତି, ଅଶୋକ ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ ଓ ନାରୀ ନେତ୍ରୀ ସୁଜ୍ଞାନୀ ପଟ୍ଟନାୟକଙ୍କୁ ସମ୍ପାଦକ ଭାବରେ ନିଯୁକ୍ତ କରାଯାଇଛି । ଏହିପରି ଭାବେ ଛତ୍ରପୁର ନଗର କଂଗେସ ସଭାପତି ରୂପେ ଯୁବ ସଂଗଠକ କାଳିଆ ରାଉଳ, ଛତ୍ରପୁର ବ୍ଲକ କଂଗ୍ରେସ ସଭାପତି ରୂପେ ଗଣପତି ବାରିକ, ଗଞ୍ଜାମ ବ୍ଲକ ସଭାପତି ରୂପେ ଏନ୍. ଗଣେଶ ରେଡ୍ଡୀ, ଗଞ୍ଜାମ ନଗର ସଭାପତି ରୂପେ ଏସ୍. ଭିମା ରେଡ୍ଡୀ ଓ ରମ୍ଭା ନଗର ସଭାପତି ରୂପେ ଅମିୟ କାନ୍ତ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ଦାୟିତ୍ୱ ମିଳିବା ପରେ ସମସ୍ତେ ରାଜ୍ୟ ଓ ଜିଲ୍ଲା ନେତୃ ମଣ୍ଡଳୀକୁ ଧନ୍ୟବାଦ ଜଣାଇଛନ୍ତି ।

## ଏମ୍‌କେସିଜି ଆଉଟସୋର୍ସିଂ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ

# କାର୍ଯ୍ୟକାରୀ କମିଟି ପୁନଃଗଠିତ



**ବ୍ରହ୍ମପୁର, ୧୬ ।୩(ସମିସ):** ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ମେଡିକାଲ ପରିସରରେ ଥିବା ହନୁମାନ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ରାଜେନ୍ଦ୍ର ରଥ ସଭାପତିତ୍ୱ କରିଥିଲେ । ସର୍ଭିସ ପ୍ରୋଭାଇଡ଼ର ସଂସ୍ଥା ଅଧୀନରେ ନାନାଦି ଅସୁବିଧାରେ କର୍ମଚାରୀମାନେ କାର୍ଯ୍ୟ କରୁଥିବା ବେଳେ ନିକଟରେ ରାଜ୍ୟ ସରକାର ୨୫ପ୍ରତିଶତ ଦରମା ବୃଦ୍ଧି ସହ କିଛି ସୁବିଧା ଘୋଷଣାକୁ ସଂଘ ତରଫରୁ ସ୍ୱାଗତ କରିଥିଲେ । ଏହି ଦାବି ବେଳେ ସମର୍ଥନ ଦେଇଥିବା ସମସ୍ତ ସହ ସଂଗଠନ, ଜିଲ୍ଲା ଓ ରାଜ୍ୟର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏଠାରେ ଧନ୍ୟବାଦ ଦିଆଯାଇଛି । ଆଉ କିଛି ଦାବି ସଂଘର ଅବ୍ୟାହତ ରହିବ ବୋଲି ଏଠାରେ କୁହାଯାଇଛି । ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ଲାଗି ରହିଥିବା ବିଭିନ୍ନ ଅସଙ୍ଗତିକୁ ପ୍ରତିହତ କରିବା ପାଇଁ ସଂଘର ସାଙ୍ଗଠନିକ ସୁଦୃଢତା ସହ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ ସହ ଅନୁବନ୍ଧିତ ହୋଇ କାର୍ଯ୍ୟ କରୁଥିବା ଏହି ସଂଘର ପଞ୍ଜିକରଣ ପ୍ରକ୍ରିୟା ପାଇଁ କମିଟିର ପୁନଃଗଠନ କରାଯାଇ ସର୍ବସମ୍ମତି କ୍ରମେ ଏକ ପରିବର୍ଦ୍ଧିତ କମିଟି ଚୟନ କରାଯାଇଛି । ନୂତନ କମିଟିରେ ଅତିରିକ୍ତ ୯ ଜଣ ସଦସ୍ୟଙ୍କୁ ସାମିଲ କରାଯାଇଛି । ବୈଠକରେ ସଂଘର ଉପସଭାପତି ପି. ରମେଶ ରାଓଙ୍କ ଦ୍ୱାରା ସମ୍ପାଦକୀୟ ବିବରଣୀ ପଠନ କରାଯାଇଥିବା ବେଳେ, କୋଷାଧକ୍ଷ ଟି. ସୁଜିତ ପାତ୍ରଙ୍କ ଦ୍ୱାରା ପୂର୍ବ ହିସାବ ଆଗତ କରାଯାଇଥିଲା । ସାଧାରଣ ପରିଷଦ ବୈଠକରେ ସଂଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆଉଟସୋରସିଂ କର୍ମଚାରୀ ଫେଡେରେସନର ରାଜ୍ୟ ଆବାହକ ତଥା ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ସଭାପତି ସି. ଏଚ. ସୁନୀଲ ପାତ୍ର, ସମ୍ପାଦକ ଏନ. ନିରଞ୍ଜନ ଦାସ, ସହ ସମ୍ପାଦକ ପି.ଜୟରାମ ରାଓ, ବି.ବିଷ୍ଣୁ ଚରଣ, ବି. ଚନ୍ଦ୍ର ପାତ୍ର, ଆନନ୍ଦ ମିଶ୍ର, ଶଶାଙ୍କ ପଣ୍ଡା, ଚିତ୍ତରଞ୍ଜନ ସାହୁ, ସନାତନ ନାୟକ, ନନ୍ଦିନୀ ସାମନ୍ତରାୟ, ରାଧିକା ବିଷୋୟୀ, ଶ୍ରୀନିବାସ ପାତ୍ର, ସୁନିତା ସାହୁ, କେଦାର ନାୟକ, କାନ୍ହୁ ନାୟକ, ମାଣିକ କୋଠିଆ ପ୍ରମୁଖ ପରିଚାଳନା କରିଥିଲେ ।

# ସାଇବର୍ ଠକେଇ ରୋକିବାକୁ ପୁଲିସର ପଦକ୍ଷେପ



**ଛତ୍ରପୁର,୧୬ ।୩(ସମିସ):** ଲୋକଙ୍କୁ ସେବା ଯୋଗାଇବା ପାଇଁ ଗଞ୍ଜାମ ପୁଲିସ ଜିଲ୍ଲା ବେଶ ସଜାଗ ହୋଇ ରହିଛି । ଦିନକୁ ଦିନ ସାଇବର୍ ଠକେଇ ମାମଲା ବୃଦ୍ଧି ପାଉଥିବାରୁ ଏହାର ପ୍ରତିକାର ପାଇଁ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଏକ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି । ସାଇବର ଠକେଇ ଶିକାର ହେବା ମାତ୍ରେ ତୁରନ୍ତ ଗଞ୍ଜାମ ସାଇବର ସେଲ ହେଲ୍ପଲାଇନ ନମ୍ବର ୮୭୬୩୬୧୧୯୬୬ରେ ଜଣାଇପାରିବେ ବୋଲି ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଆଜିକା ଦିନରେ ସାଇବର ଠକମାନେ ବିଭିନ୍ନ ଉପାୟରେ ଲୋକଙ୍କୁ ଠକିବାରେ ସକ୍ଷମ ହୋଇଥାନ୍ତି । ତେଣୁ ଗଞ୍ଜାମ ପୁଲିସ ଜିଲ୍ଲାରେ ଯେ କୌଣସି ବ୍ୟକ୍ତି ଯଦି ସାଇବର ଠକେଇର ଶିକାର ହେବା ମାତ୍ରେ ତୁରନ୍ତ ପୁଲିସ ପକ୍ଷରୁ ଜାରି କରାଯାଇଥିବା ସାଇବର ସେଲ୍‌ଫ ହେଲ୍ପଲାଇନ ନମ୍ବର ଜଣାଇବାକୁ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରେ ଏନେଇ ଏକ କଂଟ୍ରୋଲ ରୁମ କରାଯାଇଛି ଏବଂ ଜଣେ ଇନ୍ସପେକଟର ଏଥିପାଇଁ ନିୟୋଜିତ ରହିଛନ୍ତି ।

# ସ୍ୱପ୍ନେଶ୍ୱର ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା

**ଶେରଗଡ଼, ୧୬ ।୩(ସମିସ):** ଶେରଗଡ଼ ବ୍ଲକ ଅଲାରିଗଡ଼ସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି । ଅଲାରିଗଡ଼ ଗ୍ରାମ ସହିତ ନିକଟସ୍ଥ ଗରୁଡପଲ୍ଲୀ(ବଳରାମପୁର), ଖଇରବେଠୀ, ପି.ପଦ୍ମନାଭପୁର ଗ୍ରାମର ୫ ଶହରୁ ଊର୍ଦ୍ଧ୍ୱ ମହିଳା ସାନଖେମୁଣ୍ଡି ବ୍ଲକ ମର୍କଟେଶ୍ୱର ପୀଠ ନିକଟରେ ଥିବା ପୂଣ୍ୟତୋୟା ଘୋଡାହାଡ ଜଳଧାରଣ କରି ମନ୍ଦିରରେ ପହଞ୍ଚିଥିଲେ । ପ୍ରଥମ ଦିବସର ଜଳଯାତ୍ରା ପରେ ଦୀକ୍ଷାଗ୍ରହଣ, ମଣ୍ଡଳ ନାମ, ଯଜ୍ଞାଧିବାସ, ଅଙ୍କୁରାରୋପଣ କାର୍ଯ୍ୟ ସମାପନ ହୋଇଥିଲା । ମୁଖ୍ୟ ପୁରୋହିତ ଅକ୍ଷୟ କୁମାର ପାଢ଼ୀଙ୍କ ନେତୃତ୍ୱରେ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଜାରି ରଖିଛନ୍ତି । କର୍ତ୍ତା ଭାବେ ୪ ଗ୍ରାମର ଅଲାରିଗଡ଼ର କୈଳାଶ ଭୂୟାଁ, ଖଇରବେଠିର କରୁଣା ଗୌଡ଼, ପି.ପଦ୍ମନାଭପୁରର ପି.ରଘୁନାଥ ଏବଂ ଗରୁଡପଲ୍ଲୀର କଂଗ୍ରେସ ଗୌଡ଼ ଏବଂ ସେମାନଙ୍କ ଧର୍ମପତ୍ନୀ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ୪ ଗ୍ରାମକୁ ନେଇ କମିଟି ଗଠନ କରାଯାଇଛି । ଏହି ଅବସରରେ ପ୍ରତ୍ୟେକ ଦିନ ରାତିରେ ସାମାଜିକ ନାଟକ ପରିବେଷଣ କରାଯିବ । ୪ ଗ୍ରାମର ବହୁ ଯୁବକଙ୍କ ସହ ଅଲାରିଗଡ଼ ଗ୍ରାମର ଦିଗାମ୍ବର ନାହାକ, ପିତାମ୍ବର ସ୍ୱାଇଁ, ସନ୍ତୋଷ କୁମାର ପଟ୍ଟନାୟକ, ଶିବରାମ ଭୂୟାଁଙ୍କ ସହ ବହୁ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି ।

ସେହିପରି ଶେରଗଡ଼ ବ୍ଲକ ସାଗରପଲ୍ଲୀ ଗ୍ରାମର ଗ୍ରାମଦେବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶନିବାର ସକାଳୁ ଆସିକା ଋଷିକୂଲ୍ୟା ନଦୀ ତୁଠରୁ ଶତାଧିକ ମହିଳା ଜଳଯାତ୍ରା କରିଥିଲେ । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ୭ ଦିନ ଧରି ଜାରି ରହିବ ବୋଲି ଗ୍ରାମର କମିଟି ପକ୍ଷରୁ ଜଣାପଡ଼ିଛି ।

# ନଗର କଂଗ୍ରେସ ସଭାପତି ପଦରୁ ପ୍ରଫୁଲ୍ଲଙ୍କ ଇସ୍ତଫା

**ଦିଗପହଣ୍ଡି, ୧୬ ।୩(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତ ହେବାର ଦିନକ ପରେ ଦିଗପହଣ୍ଡି ଏନଏସି ନଗରପାଳ ପ୍ରଫୁଲ ପଣ୍ଡା ଶନିବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କୁ ପଠାଇ ଦେଇଛନ୍ତି । ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସୁପାରିଶ କ୍ରମେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ନବ ନିଯୁକ୍ତ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପୂର୍ବରୁ ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ରହିଥିବା ଏନଏସି କାଉନସିଲର ଦୀପକ କୁମାର ମିଶ୍ରଙ୍କ ନାମକୁ ହଟାଯାଇ ସେହି ସ୍ଥାନରେ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଥିବା ପ୍ରଫୁଲଙ୍କୁ ଏହି ପଦବୀ ରେ ନିଯୁକ୍ତ କରାଯାଇଥିଲା । ତେବେ ନବ ନିଯୁକ୍ତ ନଗର କଂଗ୍ରେସ ସଭାପତି ପ୍ରଫୁଲ ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି । ପଦବୀରେ ନିଯୁକ୍ତ ପୂର୍ବରୁ ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି(ପୂର୍ବ) ଦୀପକ କୁମାର ପଟ୍ଟନାୟକ ତାଙ୍କ ସହ ଏନେଇ କୌଣସି ଆଲୋଚନା କରିନଥିବା ଏବଂ ନିଜ ଇଚ୍ଛାରେ ଏଭଳି ନିଷ୍ପତ୍ତି ନେଇଥିବା ସମ୍ପର୍କରେ ପ୍ରଫୁଲ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

# ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରଙ୍ଗେଇଲୁଣ୍ଡା, ୧୬ ।୩(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମା ଗ୍ରାମରେ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ ଉଷା ରାଣୀ, ଉପାଧ୍ୟକ୍ଷା ଅନିତା ମହାକୁଡ଼, ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ ଯୋଗଦେଇଥିଲେ । ସମ୍ବଲପୁର, ରାଉରକେଲା, ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ବାଲେଶ୍ୱର ଜିଲ୍ଲାର ୨୩ଟି ମହିଳା ଓ ପୁରୁଷ ଟିମ୍ ଅଂଶଗ୍ରହଣ କରିଥିଲେ । ଏହାର ପରିଚାଳନା ଦାୟିତ୍ୱ ପଞ୍ଚମା ୟୁଥ କ୍ଲବ ପକ୍ଷରୁ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ, ସାଂସଦ ପ୍ରତିନିଧି ଅଜିତ କୁମାର ଦାଶ, ପ୍ରତିମା ନାୟକ, ସମାଜସେବୀ ରାମହରି ପାତ୍ର, ମିଳେନ୍ଦ୍ର ପ୍ରଧାନ, ଭକ୍ତ ନାୟକ, ସୁମମ ବେହେରା, ସିଦ୍ଧାର୍ଥ ମଣ୍ଡଳ, ହରିହର ପ୍ରଧାନ, କୁନା ପାଣିଗ୍ରାହୀ, ମୁନା ନାୟକ, ଜନାର୍ଦ୍ଦନ ରାଉଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ହିଞ୍ଜିଳିକାଟୁ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ କଲ୍ୟାଣ ଦଳ ବିଜୟୀ



**ହିଞ୍ଜିଳିକାଟୁ, ୧୬ ।୩(ସମିସ):** ମର୍ଣ୍ଣିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ହିଞ୍ଜିଳିକାଟୁ ପ୍ରିମିୟର ଲିଗ୍ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ମର୍ଣ୍ଣିଂ କ୍ରିକେଟ କ୍ଲବର ସଭାପତି ନିଶିକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ହିଞ୍ଜିଳିକାଟୁ ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ, ଗଞ୍ଜାମ ଆଞ୍ଚଳିକ ଉନ୍ନୟନ ସଂସ୍ଥା ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ବିଜେଡି ରାଜ୍ୟ ସମ୍ପାଦକ ଦେବାନନ୍ଦ ମହାପାତ୍ର, ନଗର ଯୁବ ବିଜେଡି ସଭାପତି ସଞ୍ଜୟ କୁମାର ପଣ୍ଡା, ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ସାବତ, ଆସିକା ସାଂସଦଙ୍କ ବ୍ୟକ୍ତିଗତ ତଥା ରାଜନୈତିକ ସହାୟକ ନୀଳମଣି ପଟ୍ଟନାୟକ, କାଉନସିଲର ବିଭୁ ପ୍ରସାଦ ପଣ୍ଡା, ଅମୂଲ୍ୟ ସାହୁ, ସାମ୍ବାଦିକ ଦ୍ୱିତିକୃଷ୍ଣ ପଣ୍ଡା, ଲଳିତମୋହନ ପୋଲାଇ, ରାଜେଶ ସୁବୁଦ୍ଧି, ବିନାୟକ ପଟ୍ଟନାୟକ, ବିଜେଡି ନେତା ରୋହିତ ବିଷୋୟୀ, ସଞ୍ଜୟ ସ୍ୱାଇଁ ଓ ଭିକା ବେହେରା ଅତିଥି ରୂପେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ପ୍ରଥମ ମ୍ୟାଚରେ ମୁମ୍ବାଇ କଲ୍ୟାଣର ରୁଜିଫରାରି ଦଳ ପ୍ରତିପକ୍ଷ ଗଞ୍ଜାମର ଜନତା ଗ୍ୟାରେଜ ଦଳକୁ ୬୦ ରନରେ ପରାସ୍ତ କରି ବିଜୟୀ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି କଲ୍ୟାଣ ଦଳ ନିର୍ଦ୍ଧାରିତ ୧୨ଓଭରରେ ୫ ୱିକେଟ ହରାଇ ୧୧୮ ରନ ସଂଗ୍ରହ କରିଥିବା ବେଳେ ଜନତା ଗ୍ୟାରେଜ ଦଳ ସମସ୍ତ ୱିକେଟ ହରାଇ ମାତ୍ର ୫୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । କଲ୍ୟାଣ ଦଳର ସୁଦର୍ଶନ ରେଡ୍ଡିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବରେ ପୁରସ୍କୃତ କରାଯାଇଥିଲା । ରାଜା ସାମଲ ଓ ଡ୍ୟାନସିଂ ଆମ୍ପାୟର ମିଥୁନ ଖେଳ ପରିଚାଳନା କରିଥିବାବେଳେ କାହ୍ନା ସାବତ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ମର୍ଣ୍ଣିଂ କ୍ରିକେଟ କ୍ଲବର ଚନ୍ଦ୍ରଶେଖର ସାହୁ, ଅମୂଲ୍ୟ ପଣ୍ଡା, ଭଗବାନ ପାତ୍ର, ଶ୍ରୀଧର, ଜଗନ ଡାକୁଆ ଓ ମୁନା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ● ମାଳି ଜଗନ୍ନାଥପୁର ହଙ୍ଗାମା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ହୁମ୍ମା କ୍ରିକେଟ୍ ଦଳ ଚାମ୍ପିଅନ

**ଗଞ୍ଜାମ, ୧୬ ।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ବାଲିଲୋକନାଥ ମନ୍ଦିର ଖେଳ ପଡ଼ିଆରେ ଶନିବାର ହଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେଡି ଉପସଭାପତି ଲିଙ୍ଗରାଜ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଓଡ଼ିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ସମିତିସଭ୍ୟ ଏନ. ଜୟକୃଷ୍ଣ ରେଡି, ପାଣି ପଞ୍ଚାୟତ ସଭାପତି ସଭାପତି ଭୋବନି ରେଡି, ବାଲିଲୋକାନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି. ବନମାଳି, ସାମାଜିକ କର୍ମୀ ସୁରେଶ ମହାପାତ୍ର, ପ୍ରଦୀପ ବେହେରା, ଗ୍ରାମ୍ୟ ଭଦ୍ରବ୍ୟକ୍ତି କେ. ମୁକୁନ୍ଦ ରେଡି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରିକେଟ ଖେଳାଳି ମାନଙ୍କୁ ଉତ୍ତମ କ୍ରୀଡା ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ହୁମ୍ମା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୩୯ ରନ କରିଥିଲା । ଜବାବରେ ରେଡ୍ଡୀ ଇଲେଭେନ ନିର୍ଦ୍ଧାରିତ ଓଭରରେ ମାତ୍ର ୨୦ ରନ କରିବାକୁ ସକ୍ଷମ ହୋଇଥିଲା । ଫଳରେ ହୁମ୍ମା ଦଳକୁ ଚମ୍ପିୟାନ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ଜୟ ନାରାୟଣ ମ୍ୟାନ ଅଫ ଦି ମ୍ୟାଚ ଏବଂ ରାଜୁ ବେଷ୍ଟ ବୋଲର ବିବେଚିତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟକୁ କେ ଏଲେୟା, କେ ସୁକାନ୍ତ ରେଡି, ଏସ ନୀଳକଣ୍ଠ, ଏସ ରାଜୁ, ଏ ମୁରଲୀ, ଏ ଗୋପବନ୍ଧୁ, ମିଥୁନ ପ୍ରମୁଖ ପରିଚାଳନା କରିଥିଲେ । କେ ସୁକାନ୍ତ ଭାଷ୍ୟକାର ଦାୟିତ୍ୱ ତୁଲାଇ ଥିଲେ ।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି,୧୬ ।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଆର୍.ସୀତାପୁର ଗ୍ରାମରେ ଗତ ୧୦ ତାରିଖ ରାତିରେ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଗୋଷାଣି ବ୍ଲକ ଯାଜପୁର ଗ୍ରାମର ପୁରୁଷୋତ୍ତମ ବରାଡ଼(୩୭) । ସେ କୌଣସି କାମରେ ଆର୍. ସୀତାପୁର ଗ୍ରାମକୁ ଯାଇଥିଲେ । ସେଠାରେ ସେ ରାସ୍ତାକଡ଼ରେ ଠିଆ ହୋଇଥିବା ବେଳେ ଏକ ସ୍କୁଟର ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ପୁରୁଷୋତ୍ତମ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆନ୍ଧ୍ରର ଶ୍ରୀକାକୁଳମସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଶୁକ୍ରବାର ରାତ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଆଜି ଶ୍ରୀକାକୁଳମରୁ ତାଙ୍କ ମରଶରୀର ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ଅଣାଯାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି ।

## ରାଇକିଆ ବଣିକ ସଂଘର ରକ୍ତଦାନ ଶିବିର



**ରାଇକିଆ,୧୬।୩(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ବଣିକ ସଂଘ ତରଫରୁ ଏକ ରକ୍ତଦାନ ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ । ବଣିକ ସଂଘର ସଦସ୍ୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ବ୍ୟକ୍ତିବିଶେଷ ରକ୍ତଦାନ କରିଥିଲେ । ସମୁଦାୟ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଫୁଲବାଣୀ ରକ୍ତଭଣ୍ଡାରର ଅଫିସର୍ ଜୟଦୀପ କୁମାର ଘୋଷ, ଲ୍ୟାବ ଟେକନିସିଆନ ଦୀନକୃଷ୍ଣ ମହନ୍ତ, ନର୍ସିଂ ଅଫିସର ଅର୍ଚ୍ଚନା ପ୍ରଧାନ, ଡିଏମଏ ପ୍ରଶାନ୍ତ କୁମାର ରତ୍ନଲୁ, ବରୁଣ ବେହେରା ଓ ଜ୍ୟୋତି ରଂଜନ ପୃଷ୍ଟି ପରିଚାଳନା କରିଥିଲେ । ସଂଘ ସଭାପତି ପଦ୍ମଚରଣ ପଣ୍ଡା, ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ସହ ସଂପାଦକ ଶ୍ରୀନିବାସ ଆଚାରୀ, କୋଷାଧ୍ୟକ୍ଷ ବାଲ୍ମୀକି ପତି, ଯୁଗ୍ମ ସମ୍ପାଦକ ଦୂତି କୃଷ୍ଣ ପଣ୍ଡା, ସନ୍ତୋଷ ପାଢ଼ୀ ଏବଂ ସଂଘର ସଦସ୍ୟ ସହଯୋଗ କରିଥିଲେ ।

## ଚକାପାଦରେ ବିଜେପିର ଲାଭାର୍ଥୀ କର୍ମଶାଳା

**ଚକାପାଦ,୧୬।୩(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦସ୍ଥିତ ରାଜୀବ ଗାନ୍ଧି ସେବାକେନ୍ଦ୍ରରେ ବିଜେପିର ଲାଭାର୍ଥ ସମ୍ପର୍କ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଚକାପାଦ ମଣ୍ଡଳ ସଭାପତି ସରୋଜ ସାହୁ ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ର ସମ୍ପାଦିକା ଆଶା ଲାକ୍ରା, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ପ୍ରଭାରୀ ନିରଞ୍ଜନ ପୂଜାରୀ, ଚକାପାଦ ଜିଲ୍ଲା ପରିଷଦ ସଭ୍ୟା ରାଞ୍ଜନା ନାୟକ, ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଦେବାଶିଷ ପ୍ରିୟଦର୍ଶନ ସାହୁ, ଆଦିବାସୀ ମୋର୍ଚ୍ଚା ଜିଲ୍ଲା ସଭାପତି ତଥା ଚକାପାଦ ସରପଞ୍ଚ ଉମା ଚରଣ ପ୍ରଧାନ, ଫୁଲବାଣୀ ନଗର ସଭାପତି ସୁଶାନ୍ତ ମହାନ୍ତି, ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, ରାଜ୍ୟ ଏସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମବିଶି ଦିଗାଲ, ଫୁଲବାଣୀ ପୌରାଞ୍ଚଳ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳ ବେହେରା, ଲୋକସଭା ସଂଯୋଜକ ପଦ୍ମଚରଣ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମୁକ୍ତିକାନ୍ତ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗଣେଶ ସାହୁ, ପସରା ସରପଞ୍ଚ ସୁମନ୍ତ ମଲ୍ଲିକ, ବୁଥସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରତି ଗ୍ରାମର ଆସିଥିବା ଲୋକଙ୍କୁ କେନ୍ଦ୍ର ସରକାର ଦେଉଥିବା ସହାୟତା ଉପରେ ସଚେତନ କରାଯିବା ସହ କ୍ୟାଲେଣ୍ଡର ଓ ମୋଦି ଗ୍ୟାରେଣ୍ଟି ପତ୍ର ପ୍ରଦାନ କରାଯାଇଥିଲା ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ

**ଟିକାବାଲି,୧୬।୩(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀଙ୍କ ଅଧ୍ୟକ୍ଷତାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ, ଗଣେଶ୍ୱର କହଁର, ବିନୋଦିନୀ ସାମଲଙ୍କ ଉପସ୍ଥିତିରେ ଚଳିତ ବର୍ଷର ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ମିଶ୍ର, ମୁରଲୀଧର ପଲେଇ, ପବିତ୍ର ସାହୁ, ଅରବିନ୍ଦ ମହାପାତ୍ର, ବିଷ୍ଣୁପ୍ରସାଦ ହୋତା, ରବିନାରାୟଣ ସାହୁ, ଜୟପ୍ରକାଶ ପାତ୍ର, ଜ୍ୟୋତ୍ସ୍ନାରାଣୀ ଜେନା ଓ ଶୁଭସ୍ମୃତି ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଡ୍ରପ୍ ଆଉଟ ଶିକ୍ଷାର୍ଥୀଙ୍କ ସ୍ଥିତି, ରାଜ୍ୟ କୃତୀ ପରୀକ୍ଷଣ ସର୍ଭେ, ନୂତନ ବିଦ୍ୟାର୍ଥୀଙ୍କ ନାମାଙ୍କନ, ନୂତନ ଶିକ୍ଷା ବର୍ଷ ନିମନ୍ତେ ବ୍ୟବସ୍ଥିତ ପୁସ୍ତକ ବଣ୍ଟନ, ବିଦ୍ୟାଳୟରେ ବ୍ୟବହୃତ ସମସ୍ତ ରେଜିଷ୍ଟର ଅପଡେଟ୍ ବିଷୟରେ ଆଲୋଚନା ହୋଇଥିଲା ।



# ବଂଶଧାରାରୁ ବେଧଡ଼କ ବାଲି ଚୋରାଚାଲାଣ

**କାଶୀନଗର,୧୬।୩(ସମିସ)**



ଗଜପତି ଜିଲ୍ଲା କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀରୁ ବେଆଇନ ବାଲି ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ବାଲି ମାଫିଆ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ସମୟରେ ଶନିବାର ସକାଳେ କାଶୀନଗର ପୁଲିସ ଚଢ଼ଉ କରି ୩ ବାଲି ବୋଝେଇ ଟ୍ରାକ୍ଟର ଅଟକ ରଖିଛି । କିଛି ଦିନ ପୂର୍ବେ କିଡ଼ିଗାଁ ଗ୍ରାମର ନଦୀ ମୁହାଣରୁ ବାଲି ଚୋରାଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ମଧ୍ୟ ପୁଲିସ ଅଟକ ରଖାଯାଇଥିବା ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ କହିଛନ୍ତି ।

ସୂଚନା ମୁତାବକ, ବହୁ ଦିନ ଧରି ପାଲସିଙ୍ଗି ଗ୍ରାମ ନିକଟସ୍ଥ ନଦୀ ମୁହାଣରୁ ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ଟ୍ରାକ୍ଟରଗୁଡ଼ିକ ବାଲି ଉଠାଇ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି । ଶନିବାର କାଶୀନଗର ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପାଲସିଙ୍ଗ ଗ୍ରାମ ନିକଟରେ ବାଲି ନେଉଥିବା ୩ଟି ଟ୍ରାକ୍ଟରକୁ ପୁଲିସ ଅଟକାଇ ଯାଞ୍ଚ କରିଥିଲା । କୌଣସି କାଗଜପତ୍ର ନଥିବା ଯୋଗୁ ପୁଲିସ ଉକ୍ତ ଗାଡ଼ିକୁ ଥାନାରେ ଅଟକ ରଖି ଚାଳକଙ୍କୁ ପଚରାଉଚରା କରିଥିଲା । ଉକ୍ତ ସ୍ଥାନରୁ ଗୁଣୁପୁର ସହରର ପାଖାପାଖି ୧୦ରୁ ଅଧିକ ଗାଡ଼ି ବାଲି ଚୋରି କରି ବେଆଇନ ଭାବେ ନେଉଥିବା ବେଳେ ଉକ୍ତ ସ୍ଥାନରେ ବିପୁଳ ପରିମାଣରେ ବାଲି ଉଠାଯାଇଥିବା ଯୋଗୁଁ ନଦୀ ମୁହାଣରେ ଏକ ବିରାଟ ପୋଖରୀ ଆକାର ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି । ବର୍ତ୍ତମାନ ଗ୍ରୀଷ୍ମ ଋତୁର ପ୍ରଭାବରେ ନଦୀ ପାଣି ଶୁଖିଯାଇଛି କିନ୍ତୁ ବାଲି ମାଫିଆଙ୍କ ରାଜୁତି କମୁ ନ ଥିବା ଦେଖିବାକୁ ମିଳିଛି । ନଦୀ ଆରପାରରେ ଆନ୍ଧ୍ର ରହିଛି । ଏହି ମୁହାଣରେ ବାଲି ଉଠାଇ ଖାଲ ହୋଇଯାଇଥିବା ଯୋଗୁ ପାଣି ଆନ୍ଧ୍ର ମୁହାଣକୁ ଯାଉଛି । ଯାହା ଦ୍ୱାରା ଚାଷୀ ପାଣି ପାଇବା ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି । ଅଟକ ରଖାଯାଇଥିବା ଟ୍ରାକ୍ଟରକୁ ମାଇନିଂ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ରାୟଗଡ଼ା ଜିଲ୍ଲାର ଟ୍ରାକ୍ଟର ମାଲିକ ଗଜପତି ଜିଲ୍ଲାରୁ ବେଧଡ଼କ ଭାବେ ବାଲି ଚୋରାଚାଲାଣ କରି ଧନୀ ହେଉଥିବା ବେଳେ ମାଇନିଂ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିରବଦ୍ରଷ୍ଟା ସାଜିଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କାଶୀନଗରରେ ପରିସରରେ ଲକ୍ଷାଧିକ ଟଙ୍କା ରାଜସ୍ୱ ଦେଇ ଟେଣ୍ଡର ବାଲି ରେମ୍ପ ଦୁଇଟି ରହିଛି । ବାଲି ମାଫିଆ କିନ୍ତୁ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଦିନରାତି ବାଲି ଚୋରାଚାଲାଣ କରୁଛନ୍ତି । ଏଭଳି ଚୋରାଚାଲାଣ ଯୋଗୁ ବାଲି ଲିଜ୍‌ଧାରୀ କ୍ଷତି ସହୁଥିବା କହିଛନ୍ତି । ବାଲି ଚୋରାଚାଲାଣ ଯୋଗୁଁ ବିପୁଳ ରାଜସ୍ୱ କ୍ଷତି ହେଉଛି । କାଶୀନଗର ପୁଲିସ ବେଆଇନ ବାଲି ଚୋରାଚାଲାଣ ଗାଡ଼ିକୁ ଧରି ମାଇନିଂ ବିଭାଗକୁ ହସ୍ତାନ୍ତର କରୁଛି । କିନ୍ତୁ ବାଲି ଚୋରାଚାଲାଣ ବନ୍ଦ ହେଉ ନାହିଁ । କିଛି ବାଲି ମାଫିଆ ଓ ମାଇନିଂ ବିଭାଗର ମଧୁଚନ୍ଦ୍ରିକାରେ ବେଆଇନ ବାଲି ଚୋରାଚାଲାଣ ଚାଲିଥିବା ଅଭିଯୋଗ ହେଉଛି । ପୁଲିସ ପକ୍ଷରୁ ବେଆଇନ ବାଲି ଚୋରାଚାଲାଣ ଉପରେ ଚଢ଼ଉ କରି ଗାଡ଼ି ଜବତ କରାଯାଉଛି । କିନ୍ତୁ ମାଇନିଂ ବିଭାଗ କମ ଜରିମାନା ଆଦାୟ କରି ଛାଡ଼ି ଦେଇଥିବା ଯୋଗୁ ଚୋରାଚାଲାଣ ଦିନକୁଦିନ ବଢ଼ି ଚାଲିଥିବା ବୁଦ୍ଧିଜୀବୀ ତଥା ପ୍ରକୃତି ପ୍ରେମୀ କହିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି ।

### ୪ ଟ୍ରାକ୍ଟର୍ ଅଟକ ରଖି ପୁଲିସର ତନାଘନା



## ଜି.ଉଦୟଗିରିରେ କାଳବୈଶାଖୀ: ଗଛ ପଡ଼ି ରାସ୍ତା ଅବରୋଧ



**ଜି.ଉଦୟଗିରି,୧୬ ।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଘଡ଼ଘଡ଼ି ସହିତ ବର୍ଷା ହୋଇଛି । ଏହାର ପ୍ରଭାବରେ ଗରମରୁ ଆଶ୍ୱସ୍ତି ମିଳିଥିବା ବେଳେ ପଦାସାହିରେ ବିରାଟକାୟ ଗଛ ଡାଳ ପଡ଼ିବା ଫଳରେ ଏକ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା । ଏହା ସହିତ ବିଦ୍ୟୁତ ସରବରାହ ପ୍ରଭାବିତ ହୋଇଥିଲା । ଗଛ ଡାଳ ପଡ଼ିବା ଯୋଗୁଁ ନିକଟରେ ଥିବା ଏକ ଘରର ଆଂଶିକ କ୍ଷତି ହୋଇଥିବା ବେଳେ ବନ୍ଦ ଡାକରା ଯୋଗୁ ଗାଡ଼ି ଚଳାଚଳ ବନ୍ଦ ଥିବା ଯୋଗୁଁ ଏକ ବଡ ଦୁର୍ଘଟଣା ଟଳିଯାଇଛି ବୋଲି କୁହାଯାଉଛି । ଏହି ଭଳି ଅନେକ ଗଛ ବିପଦସଂକୁଳ ଅବସ୍ଥାରେ ରହିଥିବା ବେଳେ ସେଗୁଡ଼ିକ ଚିହ୍ନଟ କରି ହଟାଇବା ପାଇଁ ଦାବି ହେଉଛି ।

## ମାନବିକତା ଦେଖାଇଲା କାଶୀନଗର ପୁଲିସ



**କାଶୀନଗର,୧୬।୩(ସମିସ):** ଗଜପତି ଜିଲ୍ଲା କାଶୀନଗର ବଜାରରେ ହଠାତ୍ ଛାତିରେ ଯନ୍ତ୍ରଣା ହୋଇ ଜଣେ ମହିଳା ପଡ଼ିଯାଇଥିଲେ । ସେହି ରାସ୍ତା ଦେଇ ପାଟ୍ରୋଲିଂରେ ଯାଉଥିବା କାଶୀନଗର ପୁଲିସ ମହିଳାଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ କାଶୀନଗର ଥାନା ଏଏସଆଇ ମନୋଜ କୁମାର ପାଢ଼ୀ ଓ ଏଲ୍ ବି ପ୍ରସାଦ ଥାନା ଗାଡ଼ିରେ ପାଟ୍ରୋଲିଂ କରୁଥିବା ସମୟରେ ବଜାର ଛକରେ ଚେତା ହରାଇ ପଡ଼ିଥିବା ମହିଳାଙ୍କୁ ଦେଖି ତତ୍‌କ୍ଷଣାତ ଉଠାଇ ପୁଲିସ ଗାଡ଼ିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମହିଳା ଜଣକ ଗୁଣୁପୁର ଥାନା ଅନ୍ତର୍ଗତ ବାୟାଗୁଡ଼ା ଗ୍ରାମର ଶଶି ଶବର ବୋଲି ଜଣାପଡ଼ିଛି । ତାଙ୍କ ଘର ଲୋକଙ୍କୁ ସୂଚନା ଦେଇଛି ପୁଲିସ । ବର୍ତ୍ତମାନ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା କହିଛନ୍ତି ଡାକ୍ତର । ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ବାଇକ୍ ଚାଳକଙ୍କୁ ଏଏସ୍‌ଆଇ ପାଢ଼ୀ ମାନବିକତା ଦେଖାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପୁଣି ମାନବିକତା ସହ କାମ କରିଥିବା କାଶୀନଗର ପୁଲିସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

## ମଦ୍ୟପ ଗାଡ଼ିଚାଳକଙ୍କୁ ଧରିବା ପାଇଁ ପୁଲିସର ଯାଞ୍ଚ

**କାଶୀନଗର,୧୬।୩(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ରାଜ୍ୟ ମୁଖ୍ୟ ରାସ୍ତାର ବିଭିନ୍ନ ଅଞ୍ଚଳରେ କିଛି ଦିନ ମଧ୍ୟରେ ବହୁ ସଡ଼କ ଦୁର୍ଘଟଣା ହୋଇଛି । ଦୁର୍ଘଟଣାରେ ବହୁ ଚାଳକ ଓ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ କିଛି ଆହତ ହୋଇଛନ୍ତି । ଦୁର୍ଘଟଣାର ମୁଖ୍ୟ କାରଣ ମଦ୍ୟପାନ ଓ ହେଲମେଟ ପରିଧାନ ନ କରିବା ବୋଲି କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ମଦ୍ୟପ ଗାଡ଼ିଚାଳକଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଶନିବାର ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା । ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା । ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପୁଲିସ ସଚେତନ କରିଥିଲା । ଏସ୍‌ପି ଏସ.ସ୍ୱାତୀ କୁମାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସଡିପିଓ ମାଧବାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ଓ ଅନ୍ୟ କର୍ମଚାରୀ ମଦ୍ୟପ ଗାଡ଼ିଚାଳକ ଓ ହେଲମେଟ ଯାଞ୍ଚ କରିଥିଲେ । ବାଇକ୍ ଚାଳକଙ୍କୁ ହେଲେମଟ ପିନ୍ଧିବା ଜରୁରୀ, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଦ୍ରୁତ ଗତିରେ ନ ଯିବା, ନାବାଳକ ଗାଡ଼ି ନ ଚଳାଇବା ପରି ସମ୍ପର୍କରେ ପୁଲିସ ସଚେତନ କରିଥିଲା । ପୁଲିସର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।



## କନ୍ଧମାଳ ଜିଲ୍ଲା କ୍ୟାମେରାମ୍ୟାନ୍ ସଂଘର ପ୍ରଥମ ବୈଠକ



**ଫୁଲବାଣୀ,୧୬।୩(ସମିସ):** ସ୍ଥାନୀୟ ସର୍କିଟ୍ ହାଉସରେ କନ୍ଧମାଳ ଜିଲ୍ଲା କ୍ୟାମେରାମ୍ୟାନ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ଷ୍ଟୁଡିଓ ମାଲିକ ଏବଂ ଜିଲ୍ଲାର ଫ୍ରି ଲେନସର୍ କ୍ୟାମେରାମ୍ୟାନ ଭାଇ ଏଥିରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ସାମନ୍ତରାୟ ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ଆଗାମୀ ଦିନରେ କ୍ୟାମେରାମ୍ୟାନ କିଭଳି କାର୍ଯ୍ୟ କରିବେ ସେଥିନେଇ ଆଲୋଚନା ହୋଇଥିଲା । ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯିବା ସହ ସଂଘକୁ କିଭଳି ମଜଭୁତ କରାଯିବ ସେଥିନେଇ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ରାଜେଶ ପାଣଗ୍ରାହୀ, ରାମଚନ୍ଦ୍ର ପଣ୍ଡା, ଶିବାଜୀ ପାତ୍ର , ଜଗା ଦାସ, କୃତିଦିପନ ଭୋଇ, ଅସିତ୍ ବେହେରା, କାହ୍ନ ପଟ୍ଟନାୟକ, କାହ୍ନ ଦିଗାଲଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ । ଶେଷରେ ବରିଷ୍ଠ କ୍ୟାମେରାମ୍ୟାନ ଶ୍ରୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଜପତି ଜିଲ୍ଲା ବିକାଶ ସୁରକ୍ଷା ମଞ୍ଚର ସ୍ମାରକପତ୍ର



**ପାରଳାଖେମୁଣ୍ଡି,୧୬ ।୩ (ସମିସ):** ଗଜପତି ଜିଲ୍ଲା ବିକାଶ ସୁରକ୍ଷା ମଞ୍ଚ ତରଫରୁ ରାଜ୍ୟପାଳ ରଘୁବର ଦାସଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମଞ୍ଚ ସଭାପତି ଅମୋଦ କୁମାର ବର୍ଦ୍ଧନଙ୍କ ନେତୃତ୍ୱରେ ସଦସ୍ୟ ଜିଲ୍ଲାର ବିକାଶ ନିମନ୍ତେ ସାତ ଦଫା ଦାବି ପୂରଣ କରିବାକୁ ଦାବି କରାଯାଇଛି । ଏଥିରେ ଗଜପତି ଜିଲ୍ଲାରେ ମେଡିକାଲ କଲେଜର ପ୍ରତିଷ୍ଠା, ମହେନ୍ଦ୍ରତନୟା ନଦୀ ଉପରେ ଚାଷୀ ଏବଂ ପାନୀୟ ଜଳ ଉଦ୍ଦେଶ୍ୟରେ ବ୍ୟାରେଜ୍ ନିର୍ମାଣ, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ବିଭିନ୍ନ ବିଦ୍ୟାଳୟର ଉନ୍ନତିକରଣ, ମୋହନାକୁ ଏନ୍‌ଏସି ଘୋଷଣା କରିବା ଆଦି ଦାବି ରହିଛି । ସ୍ମାରକପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ପାଢ଼ୀ, ମନୋରଞ୍ଜନ ଲିମା, ଡେଭିଡ ପାଣି ଉପସ୍ଥିତ ଥିଲେ ।

## ଚଳନ୍ତା ବସ୍‌ରୁ ଖସି ବୃଦ୍ଧ ମୃତ

**ରାୟଗଡ଼,୧୬ ।୩(ସମିସ):** ଭଡା ଟଙ୍କା ଆଣିବା ପାଇଁ ଯିବାବେଳେ ବସ୍‌ରୁ ଖସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ନାରାୟଣପୁର ଗ୍ରାମ ଛକରେ । ମୃତକ ହେଲେ ଖିଲିଗଣ୍ଡା ଗ୍ରାମର ପ୍ରୀତମ ରଇତ (୭୦) । ମାସିକିଆ ଭଡା ଆଣିବା ପାଇଁ ଏସ୍. କରଡ଼ାସିଂ ପଞ୍ଚାୟତ ଖିଲିଗଣ୍ଡା ଗ୍ରାମର ପ୍ରୀତମ ଗଣ୍ଡାହାତୀଠାରୁ ଏସ୍. କରଡ଼ାସିଂ ଯିବା ପାଇଁ ବସ୍‌ରେ ଚଢ଼ିଥିଲେ । ସେ ବସ୍‌ର ଗେଟ୍ ପାଖରେ ଠିଆ ହୋଇଥିଲେ । ନାରାୟଣପୁର ଛକରେ ଗାଡ଼ି ରଖିବା ପୂର୍ବରୁ ତାଙ୍କର ଗୋଡ଼ ଖସି ଯାଇଥିଲା । ଚଳନ୍ତା ଗାଡ଼ିରୁ ଖସି ପଡ଼ିବାରୁ ମୁଣ୍ଡରେ ଆଘାତ ଲାଗିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚିକିତ୍ସାଳୟରେ ତାଙ୍କ ସମ୍ପର୍କୀୟ ପହଞ୍ଚିବା ପରେ ସେଠାରେ କିଛି ସମୟ ଧରି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଅନ୍ୟପଟେ ଉକ୍ତ ବସ୍‌କୁ ଗାଁ ଲୋକେ ଅଟକ ରଖିଥିଲେ । ପରବର୍ତ୍ତୀ ସମୟରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ଗାଡ଼ିକୁ ଛାଡ଼ିଥିଲେ । ଏ ନେଇ ରାୟଗଡ଼ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

# ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଜି.ଉଦୟଗିରି ବନ୍ଦ

**ଜି.ଉଦୟଗିରି,୧୬ ।୩(ସମିସ)**




କନ୍ଧମାଳ ଜିଲ୍ଲା ଜି.ଉଦୟଗିରିକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ୨୪ ଘଣ୍ଟିଆ ବନ୍ଦ ପାଳନ ହୋଇଛି । ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଦିଆଯାଇଥିବା ବନ୍ଦ ଡାକରାରେ ୨୨ରୁ ଊର୍ଦ୍ଧ୍ୱ ସଂଗଠନ ସାମିଲ ହୋଇଥିଲେ । ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଜି. ଉଦୟଗିରି ସମେତ କଳିଙ୍ଗାରେ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ଥିଲା । ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଏଥିଯୋଗୁଁ ଜି.ଉଦୟଗିରିରୁ ଭୁବନେଶ୍ୱର, ବ୍ରହ୍ମପୁର, ଫୁଲବାଣୀ, ବାଲିଗୁଡା ଆଦି ରୁଟ୍‌ରେ ଗାଡ଼ି ଚଳାଚଳ ହୋଇ ନଥିଲା । ୨୨ ସଙ୍ଗଠନ କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ । ବନ୍ଦରେ ଜି.ଉଦୟଗିରି ପ୍ରେସ କ୍ଲବ, ଜି.ଉଦୟଗିରି ବ୍ୟବସାୟୀ ସଂଘ, ମହିଳା ଜୀବିକା ସୁରକ୍ଷା ମଞ୍ଚ, ଅସ୍ତରଙ୍ଗ, ଓକିଲ ସଂଘ, ଭୀମ ଆର୍ମୀ ଏକତା ପରିଷଦ, ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ, କଳିଙ୍ଗା ଯୁବକ ସଂଘ, ସଂଖ୍ୟାଲଘୁ ଫୋରମ୍, ଅଟୋ ଚାଳକ ସଂଘ, ଘରୋଇ ମଟର ଚାଳକ ସଂଘ, ସରପଞ୍ଚ ସଂଘ, ବରିଷ୍ଠ ନାଗରିକ ସଂଘ, ଶ୍ରମିକ ସଂଘ, ମହତାବ ଯୁବକ ସଂଘ, ସଫେଇ କର୍ମଚାରୀ ସଂଘ, ନିଖିଳ ଉତ୍କଳ ସେଲୁନ୍ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସ୍ୱେଚ୍ଛାସେବୀ ସଂଗଠନ ଆସାର୍ଟ, ମେଜର ଧ୍ୟାନଚାନ୍ଦ ସ୍ପୋର୍ଟସ ଏଣ୍ଡ ଗେମ୍ସ ଏକାଡେମୀ, ଜି.ଉଦୟଗିରି ଓଡ଼ିଶା ମଟର ଚାଳକ ସଂଘ ସହ ଅନ୍ୟ କେତେ ସଂଘ ସାମିଲ ହୋଇଥିଲେ । ବନ୍ଦ ପାଳନକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଶିବିର

**ଗୋଷାଣି,୧୬ ।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ପତିତପାବନ ବାରିକ ଏଥିରେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଚିକିତ୍ସା ସମ୍ପର୍କିତ ସମସ୍ତ ବିବରଣୀ ପ୍ରଦାନ କରିଥିଲେ । ଶିବିରରେ ବ୍ଲକର ୨୨ ଜଣ ମାନସିକ ରୋଗୀ ପଞ୍ଜୀକରଣ କରିଥିବା ବେଳେ କେତେକଙ୍କୁ ମାଗଣାରେ ଆବଶ୍ୟକ ଉପକରଣ ସହ ଔଷଧ ପ୍ରଦାନ କରାଯାଇଥିଲା । ମାନସିକ ରୋଗ ବିଶେଷଜ୍ଞ ଡା.ସରୋଜ କୁମାର ପୁରୋହିତ ସମସ୍ତ ରୋଗୀଙ୍କୁ ଚିକିତ୍ସା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସନ୍ତୋଷ କୁମାର ମହାପାତ୍ର, ପ୍ରାଣରଞ୍ଜନ ନାୟକଙ୍କ ସହ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସହଯୋଗ କରିଥିଲେ । ଏହି ଶିବିର ପରେ ଖାଦ୍ୟ ନିରାପତ୍ତା ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଷ୍ଟାଫ ନର୍ସ, ଏଏନ୍‌ଏମ୍, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ବାରିକ ଖାଦ୍ୟ ନିରାପତ୍ତା ତଥା ସନ୍ତୁଳିତ ଆହର, ଉପଯୁକ୍ତ ଖାଦ୍ୟ ଆଦି ସମ୍ପର୍କରେ ସ୍ଲାଇଡ୍ ସୋ ମାଧ୍ୟମରେ ବୁଝାଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସମ୍ପ୍ରସାରଣ ଅଧିକାରୀ ମମତା ପଣ୍ଡା ପରିଚାଳନା କରିଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ ।



## କାଶିପୁର ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ



**କାଶିପୁର,୧୬।୩(ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ କାର୍ଯ୍ୟାଳୟକୁ ନୂତନ ବିଡିଓ ଭାବେ ଅମୃତ କୁମାର ରାଉଳ ଯୋଗଦେଇଛନ୍ତି। ସେ ମୟୂରଭଞ୍ଜ ଜିଲ୍ଲା ବେତନାଟି ବ୍ଲକରୁ ଆସି କାଶିପୁର ବ୍ଲକ କାର୍ଯ୍ୟାଳୟରେ ଯୋଗଦେଇଥିବାବେଳେ ବିଡିଓ ମନୀଷା ଦାସଙ୍କ କଲ୍ୟାଣସିଂହପୁର ବ୍ଲକକୁ ବଦଳି ହୋଇଛି। ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ନୂତନ ବିଡିଓ ଅମୃତ କୁମାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାଶିପୁର ବ୍ଲକର ସମସ୍ତଙ୍କ ସହଯୋଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସେ ମତପ୍ରକାଶ କରିଛନ୍ତି।

### ସିନି ସ୍ୱେଚ୍ଛାସେବୀ ସଂଗଠନର ଅଧିବେଶନ

## ଶିଶୁ, କିଶୋରୀ ଓ ମହିଳାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୁରକ୍ଷା ପାଇଁ ସିନିର ନିରନ୍ତର କାର୍ଯ୍ୟ

**ରାୟଗଡ଼ା,୧୬।୩(ସମିସ)**

ଚାଇଲ୍ଡ ଇନ୍ ନିଡ୍ ଇନଷ୍ଟିଚ୍ୟୁଟ୍ (ସିନି) ସ୍ୱେଚ୍ଛାସେବୀ ସଂଗଠନ(ଏନଜିଓ) ପକ୍ଷରୁ ରାୟଗଡ଼ା ସ୍ଥିତ ହୋଟେଲ ସାଇ ଇଣ୍ଟରନ୍ୟାସନାଲ ସମ୍ମିଳନୀ କକ୍ଷରେ ଶନିବାର ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭି. ଲୋକନାଥ ରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ କର୍ମଶାଳାର ଶୁଭାରମ୍ଭ କରି ସିନି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଜିଲ୍ଲାର ଚନ୍ଦ୍ରପୁର ଓ କାଶିପୁର ଭଳି ବ୍ଲକରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ପାଇଁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ସିନି ଅନୁଷ୍ଠାନର ରାଜ୍ୟ ପ୍ରକଳ୍ପ ପରିଚାଳିକା ଶାଶ୍ୱତୀ ଏନ୍. ମହାପାତ୍ର ସ୍ୱାଗତ ଭାଷଣ ରଖିଥିବାବେଳେ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱପନ ବିକାଶ ସାହା ସିନି ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଏବଂ ପ୍ରକଳ୍ପ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ସେହିପରି ଅନଲାଇନ ମାଧ୍ୟମରେ ପୁଷ୍ଟିକର ଓ ସ୍ୱାସ୍ଥ୍ୟ ସ୍ଥିତିରେ ପରିବର୍ତ୍ତନ ବିଷୟରେ ସିନି ଅନୁଷ୍ଠାନର ଡ. ମନିଶ ଶବରୱାଲ ଆଲୋକପାତ କରିଥିବାବେଳେ ସମ୍ପ୍ରଦାୟରୁ ସ୍ୱର ଏବଂ ପ୍ରକଳ୍ପ ବିଷୟରେ ହିତାଧିକାରୀଙ୍କଠାରୁ ମତାମତ ସଂଗ୍ରହ ଓ ତାହାର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ସେହିପରି ସବୁବେଳେ ଭଲ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ବୃଦ୍ଧିରେ ଗଣମାଧ୍ୟମର ଭୂମିକା ଉପରେ ସିନି ଅନୁଷ୍ଠାନର ନିବେଦିତା ପଟ୍ଟନାୟକ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ନିଜର ଦାୟିତ୍ୱ ସମ୍ପର୍କରେ ମତାମତ ରଖିଥିଲେ। ଯାହାକି ଦୀର୍ଘ ପଞ୍ଚ ଦଶନ୍ଧି ଧରି ରାଜ୍ୟ ଓ କେନ୍ଦ୍ର ସରକାର, ଜାତୀୟ ଓ ଅନ୍ତର୍ଜାତୀୟ ଅନୁଦାନକାରୀ ସଂସ୍ଥା, ସଂଯୁକ୍ତ ରାଷ୍ଟ୍ରୀୟ ସଂସ୍ଥା ଏବଂ ଦ୍ୱିପାକ୍ଷିକ ସଂଗଠନ, ଅନ୍ତର୍ଜାତୀୟ ନେଟୱର୍କ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ସହଭାଗିତାରେ ଶିଶୁ, କିଶୋରୀ ଏବଂ ମହିଳାମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା ଓ ସୁରକ୍ଷା ନିମନ୍ତେ ସିନି ଅନୁଷ୍ଠାନ ନିରନ୍ତର କାର୍ଯ୍ୟ କରିଆସୁଛି।

ସମ୍ପ୍ରତି ସିନି ଓଡ଼ିଶା, କୋଲକାତା, ଆସାମ, ମଧ୍ୟପ୍ରଦେଶ, ତ୍ରିପୁରା ଏବଂ ଝାଡ଼ଖଣ୍ଡରେ ସିନିର ପ୍ରତିଷ୍ଠାତା ଡ. ସମୀର ନାରାୟଣ ଚୌଧୁରୀଙ୍କ ନେତୃତ୍ୱରେ ଅନ୍ତତଃ ୧୦ ଲକ୍ଷ ଲୋକଙ୍କୁ ନିରବଚ୍ଛିନ୍ନ ସେବା ପହଞ୍ଚାଇବାରେ ସମର୍ଥ ହୋଇପାରିଛି। ସିନି, ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଅନେକ ପ୍ରଭାବଶାଳୀ କାର୍ଯ୍ୟ କରି ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ତନ୍ମଧ୍ୟରୁ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡଙ୍କ ସହଯୋଗରେ ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକରେ ୨୦୨୧ ମସିହାରୁ ଗର୍ଭବତୀ, ପ୍ରସୂତୀ ମା', ଶିଶୁ ଓ କିଶୋରୀ ବାଳିକାଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ଏବଂ ୩୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ଅଣସଂକ୍ରାମକ ସମ୍ବନ୍ଧୀୟ ସଚେତନତା ଆଦି ଘରେ ଘରେ ପହଞ୍ଚାଇବା ପାଇଁ କାର୍ଯ୍ୟରତ ପଦକ୍ଷେପ ଅନ୍ୟତମ। ଏହି ପ୍ରକଳ୍ପଟି ବିଭିନ୍ନ ହିତାଧିକାରୀମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସ୍ଥିତିରେ ଉନ୍ନତି ପାଇଁ ସ୍ୱୟଂ ହିତାଧିକାରୀଙ୍କ ସକ୍ରିୟ ଅଂଶ ଗ୍ରହଣ ତଥା ସେମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇଦେବା ପାଇଁ ବିଭିନ୍ନ ସରକାରୀ ବିଭାଗଗୁଡ଼ିକଙ୍କ ସମ୍ମିଳିତ ଉଦ୍ୟମର ସମ୍ମିଶ୍ରଣତା, ନିଜ ଗୋଷ୍ଠୀରେ ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ସ୍ଥାନୀୟ ସମିତିସଭ୍ୟଙ୍କ ଉତ୍ତରଦାୟିତ୍ୱ ଗ୍ରହଣ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଷେଧମୂଳକ ବ୍ୟବସ୍ଥା ଆଦିକୁ ପାଥେୟ କରି କାର୍ଯ୍ୟ କରୁଛି।




ହିତାଧିକାରୀଙ୍କୁ ସମୟାନୁଯାୟୀ ନିୟମିତ ଉତ୍ତମ ସେବା ଯୋଗାଇଦେବା ପାଇଁ ସିନି, ଗୋଷ୍ଠୀର ଆଗଧାଡ଼ି କ୍ଷେତ୍ର କର୍ମୀମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି, ସ୍ଥାନୀୟ ସମିତିସଭ୍ୟ, ସ୍ୱୟଂସହାୟକ ଦଳ, ଗୋଷ୍ଠୀର ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଆଦିଙ୍କ ପ୍ରଶିକ୍ଷଣ ଓ ସଚେତନତା ବୃଦ୍ଧି କରାଇବା ସହ ରାୟଗଡ଼ା ଜିଲ୍ଲା ପ୍ରଶାସନ ଏବଂ ବିଷମକଟକ ବ୍ଲକ୍ ପ୍ରଶାସନଙ୍କ ସହାୟତା ଓ ପଥ ପ୍ରଦର୍ଶନରେ କାର୍ଯ୍ୟ କରୁଛି। ଅଣସଂକ୍ରାମକ ରୋଗ ସହ ଜଡ଼ିତ ଭାବେ କାର୍ଯ୍ୟ କରିବା ପୂର୍ବରୁ ସିନି ତଫସିଲଭୁକ୍ତ ଜାତି, ବିଶେଷକରି ଆଦିମ ଜନଜାତିଙ୍କ ମଧ୍ୟରେ ଏହି ରୋଗର ପ୍ରାଦୁର୍ଭାବ ଜାଣିବା ପାଇଁ ଏକ ଅଣସଂକ୍ରାମକ ରୋଗର ସ୍କ୍ରିନିଙ୍ଗ କ୍ୟାମ୍ପ କରିଥିଲା। ଏହି ପ୍ରକଳ୍ପ ଅଧୀନରେ ସରକାରୀ ବ୍ୟବସ୍ଥାସ୍ତରରେ ଓ ଗୋଷ୍ଠୀସ୍ତରରେ ଆରମ୍ଭ ହୋଇଥିବା ସିନିଙ୍କ ବିଭିନ୍ନ ପ୍ରକ୍ରିୟା/ପଦକ୍ଷେପଗୁଡ଼ିକ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ ଓ ପୋଷଣ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ବିଶେଷ ସହାୟକ ହୋଇଛି। ରାୟଗଡ଼ାର ତଫସିଲଭୁକ୍ତ ଜନଜାତି ଓ ଆଦିମ ଜନଜାତିଙ୍କ ଉତ୍ତମ ପୋଷଣ ନିମନ୍ତେ ଉଲ୍ଲେଖ୍ୟ ଏହି ବିଶେଷ ଆଭିମୁଖ୍ୟ ଓ କାର୍ଯ୍ୟପ୍ରଣାଳୀ, ସିନିର ସାମାଜିକ କଲ୍ୟାଣକାରିତା ଓ ଉତ୍ସର୍ଗୀକୃତତା ସୂଚିତ କରାଏ। ଜୀବନର ପ୍ରଥମ ୧୦୦୦ ଦିନର ଯତ୍ନ ମାଧ୍ୟମରେ ଶିଶୁର ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ନିମନ୍ତେ ଏବଂ ମାତୃ, ଶିଶୁ ଓ କିଶୋରୀ ସ୍ୱାସ୍ଥ୍ୟ ଓ ପୋଷଣ ସମସ୍ୟାର ସଫଳ ସମାଧାନ ନିମନ୍ତେ ସିନିର ଏହି ସବୁ ଅଭିମୁଖ୍ୟକୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଗଣମାଧ୍ୟମରେ ଗୁରୁତ୍ୱ ଦିଆଗଲେ ଏହା ଅନ୍ୟ ସାମାଜିକ କ୍ଷେତ୍ରରେ ଉତ୍ତମ ଗୋଷ୍ଠୀ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ବିଜୁ ପଟ୍ଟନାୟକ କଲେଜରେ ଆଲୋଚନାଚକ୍ର

**ଦିଗପହଣ୍ଡି,୧୬।୩(ସମିସ):** ଦିଗପହଣ୍ଡିସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ କ୍ରମାଗତ ୩ ଦିନ ଧରି ବିଭିନ୍ନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱାଗତିକା ପାତ୍ରଙ୍କ ସଭାପତିତ୍ୱରେ ଗୃହ ବିଜ୍ଞାନ ବିଭାଗର 'ମାତୃ ଓ ଶିଶୁ ଅପମୃତ୍ୟୁର କାରଣ ଓ ନିରାକରଣ' ଶୀର୍ଷକ ଆଲୋଚନାଚକ୍ରରେ ବ୍ରହ୍ମପୁର ମହାମାୟୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ମମତା କୁମାରୀ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ରାଜନୀତି ବିଜ୍ଞାନ ବିଭାଗର 'ଗଣତନ୍ତ୍ର ଓ ତା'ର ବିକାଶ' ଶୀର୍ଷକ ଆଲୋଚନାଚକ୍ରରେ ଭୀଷ୍ମଗିରି ରାମଜୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର ଏବଂ ଶିକ୍ଷା ବିଭାଗର 'ଉଚ୍ଚ ଶିକ୍ଷାରେ ସାମଗ୍ରିକ ଗୁଣାତ୍ମକ ଶିକ୍ଷାଦାନ' ଶୀର୍ଷକ ଆଲୋଚନାଚକ୍ରରେ ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଅଧ୍ୟାପକ ଦୁର୍ଯ୍ୟୋଧନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଉପେନ୍ଦ୍ର ପ୍ରଧାନ, ଅଧ୍ୟାପିକା ସସ୍ମିତା ପଟ୍ଟନାୟକ, ସୌଦାମିନୀ ବେହେରା ଏବଂ ଡ. ସୁଜାତା କୁମାରୀ ପାତ୍ର ଆଲୋଚନାଚକ୍ରକୁ ସଂଯୋଜନା କରିଥିବାବେଳେ ବହୁ ଛାତ୍ରୀ ଏଥିରେ ଅଂଶଗ୍ରହଣ କରି ନିଜସ୍ୱ ସନ୍ଦର୍ଭ ଉପସ୍ଥାପନ କରିଥିଲେ।




## ଭାରତ ସ୍କାଉଟ୍ ଓ ଗାଇଡ୍ ଶିବିର ଉଦ୍‌ଯାପିତ



**ଜି.ଉଦୟଗିରି,୧୬।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ଆଡାସକୁପାସ୍ଥିତ ନବଜ୍ୟୋତି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ ଶିବିର ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଇକିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମଣ୍ଡଳ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବରେ ଘୁ.ଉଦୟଗିରି ବିଡିଓ ମନୋଜ କୁମାର ଦେବତା, ସମ୍ମାନିତ ଅତିଥି ଭାବେ ଜି. ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟ ପ୍ରକାଶ ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ଷଡ଼ଙ୍ଗୀ, ସହ ସମ୍ପାଦକ ନିରୁପମା ଦୋରା ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାରତ ସ୍କାଉଟ ଓ ଗାଇଡ୍ ଜାତୀୟ ଉପକମିଶନର କାଳୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍କାଉଟ ଗାଇଡ୍ କମିଶନର ପ୍ରମୋଦ କୁମାର ଷଡ଼ଙ୍ଗୀ, ସହକାରୀ ଶିକ୍ଷା ଜିଲ୍ଲା ଶିକ୍ଷା ଅଧିକାରୀ ନିରୁପମା ଦୋରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅଶୋକ କୁମାର ପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର ମଞ୍ଚାସୀନ ଥିଲେ। କନ୍ଧମାଳ ଜିଲ୍ଲାର ୧୨ ବ୍ଲକର ୬୫ ସ୍କୁଲରୁ ୧୭୧ ଜଣ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ■ ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ କାଟିଲା ପୁଲିସ

## ୪.୫୩ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ

ଫିରିଙ୍ଗିଆ,୧୬।୩(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ପକ୍ଷରୁ ଗଞ୍ଜେଇ ଗଛ କଟା ଅଭିଯାନ ଜାରି ରହିଛି। ଶନିବାର ପୁଲିସ ଡିମିରିଗୁଡ଼ା ପଞ୍ଚାୟତ ଟାମତିଙ୍ଗିଆ, ଡେଡ଼ିସରୁ ଓ ଗଦାଦି ଗାଁ ନିକଟବର୍ତ୍ତୀ ଜଙ୍ଗଲରେ ଅତର୍କିତ ଚଢ଼ଉ କରିବା ସହ ବେଆଇନ ଭାବରେ ପ୍ରାୟ ଦୁଇ ଏକର ଜମିରେ ଚାଷ ହୋଇଥିବା କୋଡ଼ିଏ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରିଛି। ସେହିପରି ଜଙ୍ଗଲର ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିବା ୪ କୁଇଣ୍ଟାଲ ୫୩ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏ ସମ୍ପର୍କରେ ପୁଲିସ ଏକ ମାମଲା ରୁଜୁ କରିଛି। କୋଡ଼ିଏ ଜଣ ଶ୍ରମିକ ଓ ଥାନାରେ କାର୍ଯ୍ୟରତ କିଛି ହୋମଗାର୍ଡ ଗଞ୍ଜେଇ ଗଛ କଟା ଅଭିଯାନରେ ସାମିଲ ହୋଇଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।




## ନୂତନ ଖେଳପଡ଼ିଆ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅନୁଦାନ ପ୍ରଦାନ



**ମାଲକାନଗିରି,୧୬।୩(ସମିସ):** ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ କୁକୁଡ଼ାଗୁଡ଼ା ଗ୍ରାମରେ ନୂତନ ଖେଳପଡ଼ିଆ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଶନିବାର କୁକୁଡ଼ାଗୁଡ଼ା ଗ୍ରାମବାସୀ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀଙ୍କୁ ନିମନ୍ତ୍ରଣ କରି ମାଲକାନଗିରି ବ୍ଲକ ଯନ୍ତ୍ରୀ ବିଭୁତି ଭୂଷଣ ରାଉତଙ୍କ ଉପସ୍ଥିତିରେ ଖେଳପଡ଼ିଆର ସ୍ଥାନ ନିରୁପଣ କରିଛନ୍ତି। ଏହି ଅବସରରେ କୁକୁଡ଼ାଗୁଡ଼ା ଓ ଆଖପାଖ ଗ୍ରାମର ସମସ୍ତ ଯୁବଛାତ୍ରଙ୍କ ସହ ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା, ସରପଞ୍ଚ ଘାସି ନାୟକ, ଯୁବନେତା କେ. ରାହୁଲଙ୍କ ସହ ସମସ୍ତ ଖେଳପ୍ରେମୀ ଉପସ୍ଥିତ ଥିଲେ।

## ବାଦ୍ୟଯନ୍ତ୍ର ଓ କ୍ରୀଡ଼ା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ

**ବିଷମକଟକ,୧୬।୩(ସମିସ)**

ରାୟଗଡ଼ା ଜିଲ୍ଲା ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକର ବିଭିନ୍ନ କ୍ଲବର ଯୁବକମାନଙ୍କୁ କ୍ରୀଡ଼ା ସମାଗ୍ରୀ ଏବଂ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଛି। ଶନିବାର ସକାଳ ୯ଟା ସମୟରେ ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଯୁବକ ସଂଘ ଏବଂ ସାଂସ୍କୃତିକ ସଂଘ କର୍ମକର୍ତ୍ତାମାନଙ୍କୁ କ୍ରୀଡ଼ା ସାମଗ୍ରୀ ଏବଂ ବାଦ୍ୟଯନ୍ତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ, ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା କାଡ୍ରାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଡମ୍ବରୁଧର ଚୌଧୁରୀ ଏବଂ ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଭପ୍ରଦା ସାସମଲ ପରିଚାଳନା କରିଥିଲେ। ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତରେ ରହିଥିବା ଗୋଟିଏ ଲେଖାଏଁ କ୍ରୀଡ଼ା ଯୁବକ ସଂଘ ଏବଂ ସାଂସ୍କୃତିକ ସଂଘକୁ କ୍ରୀଡ଼ା ସାମଗ୍ରୀ ଏବଂ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଛି। ଏ ଅବସରରେ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।



### ● କୋରୁକୋଣ୍ଡା ମା' ମାଉଳି ବଡ଼ଯାତ୍ରା

## ପ୍ରଥମ ଦିନରେ ପ୍ରବଳ ଭକ୍ତଙ୍କ ସମାଗମ

**କୋରୁକୋଣ୍ଡା,୧୬।୩(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରଠାରେ ଚାରିଦିନ ଧରି ହେବାକୁ ଥିବ ମା' ମାଉଳିଙ୍କ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଆଜି ଯାତ୍ରାର ପ୍ରଥମ ଦିନରେ ମାଉଳୀ ମା'ଙ୍କୁ ମାଉଳିମା ପର୍ବତ ଶିଖରରୁ ଆବାହନ କରି ପର୍ବତ ପାଦଦେଶକୁ ଆଣି ଭକ୍ତମାନେ ପୂଜାର୍ଚ୍ଚନା କରୁଛନ୍ତି। ଯାତ୍ରାର ପ୍ରଥମ ଦିନରେ ମା'ଙ୍କ ବିଗ୍ରହ ଗଠନ କରି କେନାଲ ନିକଟ ମା'ଙ୍କ ପାଦଦେଶରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତଙ୍କ ପାଖରୁ ପୂଜା ପାଆନ୍ତି। ଶନିବାର ସନ୍ଧ୍ୟାରେ ମା'ଙ୍କୁ ପାଟପଟୁଆରରେ ମାଣ୍ଡିଆଭଟାକୁ ଅଣାଯିବ। ମାଣ୍ଡିଆଭଟାରେ ମା' ମାଉଳି ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କଠାରୁ ପୂଜା ଗ୍ରହଣ କରିବେ। ମା'ଙ୍କ ଯାତ୍ରା ଦୁଇ ବର୍ଷରେ ଥରେ ହେଉଥିବା କାରଣରୁ ସ୍ଥାନୀୟ ଭକ୍ତଙ୍କ ସହିତ ଆଖପାଖ ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି।



### ବିଜାଘାଟିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଗୁରୁତର

## ପହଞ୍ଚିଲାନି ଆମ୍ବୁଲାନ୍ସ; ମେଡିକାଲ ପଠାଇଲେ ଗଣମାଧ୍ୟମ ପ୍ରତିନିଧି

**ମାଲକାନଗିରି,୧୬।୩(ସମିସ)**

ମାଲକାନଗିରି-ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ବିଜାଘାଟିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସକୁ ଫୋନ କଲେ ମଧ୍ୟ ଏକ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ରୋଗୀ ଯନ୍ତ୍ରଣାରେ ପଡ଼ିଥିଲେ। ଶହଶହ ଲୋକ ଦେଖିକରି ମଧ୍ୟ କେହି ହସ୍ପିଟାଲକୁ ନେବାର ବ୍ୟବସ୍ଥା କରି ନ ଥିଲେ। ସେହି ରାସ୍ତା ଦେଇ ମାଲକାନଗିରିରୁ ଜୟପୁର ଅଭିମୁଖେ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥିବା ସାମ୍ବାଦିକ ରତ୍ନାକର ଦାଶ, ଅଶୋକ ମିଶ୍ର, ରାହୁଲ ଗୋଲୋରୀ, ଶିବପ୍ରସାଦ ଦାସ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରଦୀପ ମହାରଣା, ମାଣିକ ବାଛାଡ଼ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଦୁର୍ଘଟଣା ଦେଖି ସେଠାରେ ଅଟକିଥିଲେ। ପୁନର୍ବାର ୧୦୮ ଓ ଥାନାକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ସେମାନେ ଆସିବାର ବିଳମ୍ବ ଦେଖି ଆହତ ବ୍ୟକ୍ତିର ଯନ୍ତ୍ରଣା ବଢ଼ିବା ଏବଂ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ବାଧ ହୋଇ ଏକ ଅଟୋ ଯୋଗେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ସୂଚନାନୁଯାୟୀ, ଶନିବାର ଅପରାହ୍ଣରେ ମାଲକାନଗିରି-ଜୟପୁର ଅଭିମୁଖେ ସନ୍ତୋଷ ମଲ୍ଲିକ ବାଇକରେ ଯାଉଥିବାବେଳେ ବିଜାଘାଟି ଦେଇ ଯାଉଥିବାବେଳେ ହଠାତ ଜୟପୁର ପଟୁ ଆସୁଥିବା ଅନ୍ୟଏକ ବାଇକ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସନ୍ତୋଷ ଛିଟିକି ପଡ଼ିବା ସହ ତାଙ୍କ ଗୋଡ଼ ଓ ହାତରେ ଗଭିର ଆଘାତ ଲାଗିଥିଲା। ଧକ୍କା ଲଗାଇଥିବା ଯୁବକ ପଡିଆ ଅଂଚଳର ସୌରଭ ମୁଖି ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ମାଲକାନଗିରି ପୁଲିସ ପହଞ୍ଚି ବାଇକ୍ ଦୁଇଟିକୁ ଜବତ କରିଛି। ଦୁର୍ଭାଗ୍ୟର ବିଷୟ ଦୀର୍ଘ ଏକ ଘଣ୍ଟା ଧରି ଗୁରୁତର ଅବସ୍ଥାରେ ସନ୍ତାଷ ରାସ୍ତାରେ ପଡ଼ିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ପହଞ୍ଚିବା ଘଟଣାକୁ ସେଠାରେ ଉପସ୍ଥିତ ଥିବା ଜନସାଧାରଣଙ୍କ ମନରେ ଅସନ୍ତୋଷ ବଢ଼ିଥିଲା। ୧୦୮ ଆମ୍ବୁଲାନ୍ସର କଲରୁମ ସୁଦୂର ରାଜଧାନୀଠାରେ ରହୁଥିବାରୁ ଆମ୍ବୁଲାନ୍ସକୁ ଫୋନ କଲେ କଲଟି ଭୁବନେଶ୍ୱରକୁ ଯାଏ ଏବଂ ସେଠାକାର ଅଧିକାରୀ ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କଲାପରେ କଲ ଆମ୍ବୁଲାନ୍ସ ଡ୍ରାଇଭରକୁ ଫରୱାର୍ଡ ହୁଏ। ଆମ୍ବୁଲାନ୍ସର ଚାଳକ କଲ୍ ପାଇଲା ବେଳକୁ ସମୟ ଅତିକ୍ରାନ୍ତ କରିଯାଇଥାଏ। ବିଚରା ଆହତ ବ୍ୟକ୍ତିର ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥାଏ। ଏମିତିକି ମୃତ୍ୟୁ ଘଟୁଥିବାର ନଜୀରକୁ ଆସିଛି। ତେଣୁ ୧୦୮ ଆମ୍ବୁଲାନ୍ସର କଣ୍ଟ୍ରୋଲ ରୁମ ନିଜନିଜ ଜିଲ୍ଲା ଚିକିତ୍ସାଳୟରେ ରଖାଗଲେ ରୋଗୀ ଓ ଆହତ ବ୍ୟକ୍ତିମାନେ ଯଥାଶୀଘ୍ର ଓ ସୁବିଧାରେ ଚିକିତ୍ସିତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।



## ଅଖିଳ ଭାରତ କୃଷକ ସଂଘର ଚାଷୀଙ୍କ ଏକତା ନିମନ୍ତେ ବୈଠକ



**କଲ୍ୟାଣସିଂହପୁର,୧୬।୩(ସମିସ):**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଧାମୁଣିପଙ୍ଗା ପଞ୍ଚାୟତର ସଦର ଆମ୍ବତୋଟାରେ ଅଖିଳ ଭାରତ କୃଷକ ସଭା ଚାଷୀଙ୍କ ଏକତା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଖିଳ ଭାରତ କୃଷକ ସଭାର ଜିଲ୍ଲା ଉପସଭାପତି ମାନୁ ଶିକକାଙ୍କ ନେତୃତ୍ୱରେ ବ୍ଲକ୍ ସଭାପତି ବସନ୍ତ କୁନାକା, ଉପସଭାପତି କୁନାକା ବଗି, ସମ୍ପାଦକ ରାମୁଲୁ ଦିଶାରୀଙ୍କ ସମେତ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ସେଥିରେ ମୁଖ୍ୟ ଜୀବିକା ସାର ଓ ବିହନ ରିଆତି ଦରରେ ପାଇବା, କୃଷିରଣ ଛାଡ଼ କରିବା, ପ୍ରତି ପଞ୍ଚାୟତରେ କୃଷକ ବଜାର, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ଜମି ଚିହ୍ନଟ କରି ଜଳ ଯୋଗାଇଦେବା, କୃଷକ ଫସଲ ରିଆତି ଦରରେ କିଣିବା ଆଦି ବିଷୟରେ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୫୦ ଜଣ ଲୋକ ଉପସ୍ଥିତ ଥିଲେ।

